Nyasa Nabodita Presents

ଦ୍ୱିତୀୟ ବର୍ଷ
ଚତୁର୍ଥ ସଂଖ୍ୟା
Vol: 2 Issue: 4
May 2007

Aahwaan VISTA

See it to Believe it.

# ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

## ସଂକ୍ଷେପରେ


| | | |
|---|---|---|
| ୧ | ସଂପାଦକୀୟ | ୧ |
| ୨ | ଭଞ୍ଜଙ୍କ ଡମ୍ବରୂ | ୨ |
| ୩ | ଚନ୍ଦା, ବୁଡା ଓ ପାକୁଆ | ୪ |
| ୪ | ଦି ବିଗ୍ ଫାଇଟ୍ | ୪ |
| ୫ | ସାପ କାମୁଡାର ଚିକିତ୍ସା | ୬ |
| ୬ | ଶୋଇବାକୁ ଦିଅନ୍ତୁ | ୭ |
| ୭ | ତୁଳସୀ | ୯ |
| ୮ | ଦଉଡିର ଆରମୁଣ୍ଡ | ୯ |
| ୯ | ମା ଡଟ୍ କମ୍ | ୧୧ |
| ୧୦ | ଆମ ଗାଁ ହାଲ୍‌ଚାଲ୍ | ୧୨ |
| ୧୧ | ଅପେକ୍ଷାର ଅନ୍ତ | ୧୫ |
| ୧୨ | ଜୀବନ ଦର୍ଶନ | ୧୮ |
| ୧୩ | ପରିଚର୍ଚ୍ଚା | ୨୧ |
| ୧୪ | ଠାକୁରାଣୀ ଯାତ୍ରା | ୨୨ |
| ୧୫ | ଶୁଭଶଙ୍ଖ | ୨୪ |
| ୧୬ | ଯାତ୍ରା ପରଂପରା | ୨୬ |
| ୧୭ | ମଧୁବାବୁ ସଙ୍ଗେ ଲଢିବି | ୨୮ |
| ୧୮ | ଚିତ୍ରରେ ଠାକୁରାଣୀଯାତ୍ରା | ୨୯ |



ଠାକୁରାଣୀ ଯାତ୍ରାରେ ବାଘବେଶ

## ସଂପାଦକୀୟ

ଅପ୍ରେଲ୍ ମାସର ମହତ୍ତ୍ୱ ଯୁଗେ ଯୁଗେ ଓଡିଆବାସୀଙ୍କ ପାଇଁ ରହିଛି ଆଉ ରହି ଆସିଥିବ। ସଦ୍ୟ ବିଂଶତମ ଶତାବ୍ଦୀର ଆଗମନରେ ଏମିତି ଏକ ଅପ୍ରେଲ୍ ମାସର ପ୍ରଥମ ଦିନରେ ଓଡିଆମାନେ ସ୍ୱାଧୀନ ହୋଇଥିଲେ। ସମ୍ଭବତଃ ଭାରତର ଏକମାତ୍ର ରାଜ୍ୟ ଯାହା ପ୍ରଥମେ ସ୍ୱାଧୀନତାର ସ୍ୱାଦ ଚାଖିଥିଲା, ଅବଶ୍ୟ ସେହି ଦୃଷ୍ଟିରୁ ଦେଖିଲେ ଦୁଃଖ ଲାଗେ, ଆମେ ଆଜି କେତେ ପଛରେ, ଶିକ୍ଷା ସ୍ୱାସ୍ଥ୍ୟ ଓ ଜୀବନର ଅନ୍ୟ ସମସ୍ତ କ୍ଷେତ୍ରରେ ଆମେ ପଛୁଆ। ଅପ୍ରେଲ୍ ପହିଲାର ସ୍ମୃତି ମନରୁ ଲିଭିଯିବା ପୂର୍ବରୁ ଏହି ମାସରେ ଶେଷ ସପ୍ତାହରେ ଆସେ ଜୟନ୍ତୀ, ଓଡିଆବାସୀଙ୍କୁ ଉତ୍କଳୀୟତାର ମହାନ ମନ୍ତ୍ରରେ ଉଦ୍‌ବୁଦ୍ଧ କରାଇଥିବା କାଳଜୟୀ ମହାନ୍ ବ୍ୟକ୍ତିତ୍ୱ ଦୁଇଜଣଙ୍କର। ପ୍ରଥମେ ପାରଳା ମହାରାଜା ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଏବଂ ପରେ ପରେ ଉତ୍କଳଗୌରବ ମଧୁସୁଦନ। ଏହି ଦୁଇ ବରେଣ୍ୟ ବ୍ୟକ୍ତିଙ୍କୁ ଭକ୍ତିପୂତ ଶ୍ରଦ୍ଧାଞ୍ଜଳୀ ଦେଇ ଏହି ମାସର 'ଆହ୍ୱାନ' ପତ୍ରିକା ମୁଁ ଓଡିଆ ମାନଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରୁଛି। ଆଶା କରୁଛି ଏହି ମହାନ ବ୍ୟକ୍ତିଙ୍କର ମହନୀୟତାର କିଞ୍ଚିତ୍ ସ୍ପର୍ଶ ଆମ ସମସ୍ତଙ୍କ ଜୀବନରେ ହେବ ଏବଂ ଏହା ଆମକୁ ଏକ ନୂତନ ଦିଗନ୍ତ ଦେବ। ଏତଦ୍ ବ୍ୟତୀତ ଏହି ମାସରେ ପାଳିତ ହୋଇଥିଲା ମହାବିଷୁବ ସଂକ୍ରାନ୍ତି ବା ପଣା ସଂକ୍ରାନ୍ତି। ହିନ୍ଦୁ ନବବର୍ଷର ଆରମ୍ଭ। ଅକ୍ଷୟ ତୃତୀୟା ଏବଂ ଚନ୍ଦନଯାତ୍ରାର ଆରମ୍ଭ ସହିତ ପବିତ୍ର ରଥଯାତ୍ରା ପାଇଁ ରଥ କାର୍ଯ୍ୟ ଶୁଭାରମ୍ଭ ବି ହୁଏ ଏହି ମାସରେ।

ପାରଳା ମହାରାଜା ତଥା ଉତ୍କଳ ସମ୍ମିଳନୀର ତୁଙ୍ଗ ନେତା ତଥା ସୂତ୍ରଧର ଶ୍ରୀ କୃଷ୍ଣଚନ୍ଦ୍ର ଗଜପତି ଥିଲେ ସ୍ୱାଧୀନ ଓଡିଶାର ପ୍ରଥମ ପ୍ରଧାନମନ୍ତ୍ରୀ, ତତ୍‌କାଳୀନ ବଡଲାଟ୍‌ଙ୍କୁ ମନେଇ ଓଡିଶାକୁ ସ୍ୱତନ୍ତ୍ର ରାଜ୍ୟର ପାହ୍ୟା ଦିଆଇବାରେ ମହାରାଜାଙ୍କର ଅବଦାନ ଚିର ସ୍ମରଣୀୟ ହୋଇ ରହିବ। ପାରଳାଖେମୁଣ୍ଡି ପରି ଏକ ପ୍ରାନ୍ତ ଓ ବିଚ୍ଛିନ୍ନାଞ୍ଚଳର ରାଜା ହୋଇମଧ୍ୟ ସମଗ୍ର ଓଡିଶାର

ଦ୍ୱିତୀୟ ବର୍ଷ
ଚତୁର୍ଥ ସଂଖ୍ୟା
Vol: 2 Issue: 4
May 2007

Nyasa Nabodita Presents

ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

See the Improved and all new **Vista Look Website** of Aahwaan, and get one for yourself too. Call us Now.

Visit our website today for more feature rich presentations and informations. http://aahwaan.9999mb.com/

ସ୍ୱାଧୀନତା, ଓଡିଆ ଭାଷାର ସ୍ୱାତନ୍ତ୍ର୍ୟତା ଆଦି ବଜାୟ୍ ରଖିବାରେ ସେ ଥିଲେ ପ୍ରଥମ ବ୍ୟକ୍ତିକ୍ତ । ଅନେକ ଥର ବିଦେଶଗସ୍ତରେ ଯାଇ ବ୍ରିଟିଶ୍ ସରକାରଙ୍କ ସହ ଅନେକଥର ମିଶି ସେ ଓଡିଶାକୁ ସ୍ୱାଧୀନତାର ସ୍ୱାଦ ଚଖାଇଥିଲେ ।

ଓଡିଆ ମାନଙ୍କ ମନରେ ଥିବା ସେହି ପଦ ଖଣ୍ଡିକ, ଯାହା ଆଜି ବି ପ୍ରତ୍ୟେକ ଓଡିଆ ନିଜ ପୁଅକୁ କହିବାକୁ ଭୂଲେନିଃ 'ପାଠ ପଡିବୁ, କଳା ଘୋଡାରେ ଚଡିବୁ, ମଧୁବାବୁ ସହ ଲଡିବୁ ।' ମଧୁବାବୁ ବା ମଧୁସୁଦନ ଦାସ ପ୍ରକୃତରେ ଓଡିଆ ମାଟିର ଜଣେ ସୁସନ୍ତାନ । ଯିଏ ଅନେକ ଥର ନିଜର ମହନୀୟତା ଓ ବୁଦ୍ଧିମତାର ପରିଚୟ ଦେଇଥିଲେ, ଏବଂ ଏହା ସହିତ ପରାଧୀନ ଓଡିଶାର, ପ୍ରଥମ ଓ ଏକମାତ୍ର ଉଚ୍ଚ ଶିକ୍ଷିତ ବ୍ୟକ୍ତି ହେବାର ଗୌରବ ଲାଭ କରିଥିଲେ। ସେ ଥିଲେ ଏକାଧାରରେ କବି, ଗାଳ୍ପିକ, ମହାନ ସ୍ୱାଧୀନତା ସଂଗ୍ରାମୀ, ବିଚକ୍ଷଣ ବାକ୍ ଶକ୍ତିର ଅଧିକାରୀ, ଓକିଲ ଏବଂ ଶିକ୍ଷାବିତ୍ । ତାଙ୍କର ଅନେକ କୃତିତ୍ୱ ଆମର ଏହି ସଂସ୍କରଣରେ ସ୍ଥାନ ପାଇଛି । ତଥାପି ମଧୁବାବୁଙ୍କ ପରି ବ୍ୟକ୍ତିତ୍ୱ ଆଜିର ସ୍ୱାର୍ଥପର ସମାଜରେ ବିରଳ ।

ଅପ୍ରେଲ୍ ମାସର ଆଗମନ ଅନ୍ୟ ସମସ୍ତ ବର୍ଷପରି ନିଆଁ ବୃଷ୍ଟି ସହ ଆରମ୍ଭ ହୋଇଯାଇଛି, ଓଡିଶାର ଅନେକ ସହର ତଥା ଗ୍ରାମାଞ୍ଚଳରେ ଏହି ଉତ୍ତାପକୁ ଅଧିକ ଅନୁଭବ କରିହେଉଛି, ଯଦ୍ୟପି ବର୍ତ୍ତମାନ ସୁଦ୍ଧା କୌଣସି ପ୍ରକାରର ଅଂଶୁଘାତଜନିତ ଜୀବନହାନୀର ସଂବାଦ ଓଡିଆ ସମାଜ ପାଇନି, ତଥାପି, ଏହି ଋତୁରେ ଓଡିଶାର ପାଣିପାଗ ଏତେ ନିଷ୍ଠୁର ଜଣାପଡୁନି । ସନ୍ଧ୍ୟା ହେଉ ହେଉ ପାଗ ଥଣ୍ଡାହେବା ଏବଂ ବେଳେ ବେଳେ ଝଡ ସହ ବର୍ଷା ହେବାର ବି ଦେଖାଯାଇଛି । ଦକ୍ଷିଣ ଓଡିଶା ସଂପ୍ରତି ଉତ୍ସବ ମୁଖର ହୋଇଉଠିଥିବା ବେଳେ ଉତ୍ତର ଓ

ପଶ୍ଚିମ ଓଡିଶାରେ ମଧ୍ୟ ଅନୁରୁପ ସମ୍ବାଦ ମିଳିଛି । ବୈଶାଖର ଆଗମନ, ଗଞ୍ଜାମ, ଫୁଲବାଣୀ ଓ ନୟାଗଡ ଜିଲ୍ଲାର ପ୍ରସିଦ୍ଧ ଦଣ୍ଡନାଚ ସାଙ୍ଗକୁ ବ୍ରହ୍ମପୁରର ସୁପ୍ରସିଦ୍ଧ ମା' ବୁଢୀ ସାଆନ୍ତାଣୀଙ୍କ ଠାକୁରାଣୀ ଯାତ୍ରା ଜନମାନସକୁ ଗ୍ରୀଷ୍ମର ନିଦାଘକୁ ଭୁଲିବାରେ ସହାୟକ ହୋଇଛି । ଏହି ସମସ୍ତ ତଥ୍ୟ ଓ ବିଚିତ୍ରାକୁ ଚିତ୍ରିତ କରୁଛି ଆମର ସଂପ୍ରତି ଉତ୍ସର୍ଗୀକୃତ ଏହି ପତ୍ରିକା 'ଆହ୍ୱାନ' । ଆଶା ପୂର୍ବ ସଂସ୍କରଣ ମାନଙ୍କ ପରି ଏହି ସଂସ୍କରଣ ବି ଆପଣ ମାନଙ୍କୁ ଭଲ ଲାଗିବ ।

ଧନ୍ୟବାଦ

# ଭଞ୍ଜଙ୍କ ଡମ୍ବରୁ

"ବୀଣା ସ୍ୱନ କଲା ପରଶରେ/ ସିଂହ ଲୁଚିଲା କେଉଁ ପ୍ରଦେଶରେ ।" କବି ସମ୍ରାଟ ଉପେନ୍ଦ୍ରଭଞ୍ଜ ତାଙ୍କର ପ୍ରସିଦ୍ଧ କାବ୍ୟ 'କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ'ରେ ନାୟିକା ନବଯୁବତୀ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀଙ୍କର ରୂପ ଗୁଣ ବର୍ଣ୍ଣନା କରିବା ଅବସରରେ ଏ ପଦ ରଚନା କରିଛନ୍ତି । ଭଞ୍ଜଙ୍କର କାବ୍ୟ ନାୟିକା ମାନଙ୍କ ମଧ୍ୟରେ ସର୍ବଶ୍ରେଷ୍ଠ ସୁନ୍ଦରୀ ହୋଇଥିବାରୁ ଏହି ନାୟିକାଙ୍କ ନାମ ଦିଆଯାଇଛି କୋଟି ବ୍ରହ୍ମାଣ୍ଡ ସୁନ୍ଦରୀ । କେବଳ ଗୋଟିଏ ବ୍ରହ୍ମାଣ୍ଡ ନୁହେଁ, କୋଟିଏ ବ୍ରହ୍ମାଣ୍ଡରେ ମଧ୍ୟ ତାଙ୍କ ଭଳି ସୁନ୍ଦରୀ ଆଉ କେହି ନାହାନ୍ତି ।

ଉପରେ ଉଦ୍ଧୃତ ପଦର ଦ୍ୱିତୀୟ ପାଦରେ ଏହି ସୁନ୍ଦରୀଙ୍କର କଟି ଜ୍ୟାମିତିର ଏକ ତୀର୍ଯ୍ୟକ ଉପମା ଦିଆଯାଇଛି । କୋଟି ବ୍ରହ୍ମାଣ୍ଡ ସୁନ୍ଦରୀଙ୍କର କଟି ଏତେ କ୍ଷୀଣ ବା ସରୁ ଯେ କ୍ଷୀଣ କଟି ପାଇଁ ପ୍ରସିଦ୍ଧ ପଶୁରାଜ ସିଂହ ମଧ୍ୟ ତାଙ୍କୁ ଦେଖି ଲାଜରେ କାଉଁଆଡେ ଯାଇ ଲୁଚିଗଲା । କୋଟି ବ୍ରହ୍ମାଣ୍ଡ ସୁନ୍ଦରୀଙ୍କ ଅଙ୍ଗ ସୌଷ୍ଠବ ବର୍ଣ୍ଣନାରେ ଭରପୂର ଏହି କାବ୍ୟରେ ଅନ୍ୟତ୍ର ରସିକ କବି ସମ୍ରାଟ ନାୟିକାଙ୍କ ବକ୍ଷୋଜକୁ 'ସୁମନାଳୟ' (ମେରୁ ପର୍ବତ) ଓ ନିତମ୍ବକୁ 'ପୃଥୁ ଚକ୍ରବର୍ତ୍ତୀ' (ଚକ୍ରାକାରରେ ପୃଥୁଳ) ସହିତ ତୁଳନା କରି ଅଛନ୍ତି । ଏ ସମସ୍ତ ଉପମା ଗୁଡିକ ଏକତ୍ର କରିଦେଲେ ଭଞ୍ଜଙ୍କ ଆଦର୍ଶ ଶରୀରର ଆକୃତି ଏକ ଡମ୍ବରୁ ଭଳି ହୋଇଥାଏ । ଆଧୁନିକ ସୌନ୍ଦର୍ଯ୍ୟ ଜଗତର ଭାଷାରେ ଏହାକୁ ୩୬"-୨୪"-୩୬" ବୋଲି କୁହାଯାଇଥାଏ । ଅନ୍ୟ ପ୍ରକାରେ ଏହାକୁ ୨/୩ (୦.୬୬) ବା ଦୁଇ-ତୃତୀୟାଂଶ ଅନୁପାତ କୁହାଯାଇଥାଏ ।

Nyasa Nabodita Presents

ଦ୍ୱିତୀୟ ବର୍ଷ
ଚତୁର୍ଥ ସଂଖ୍ୟା
Vol: 2 Issue: 4
May 2007

See the Improved and all new **Vista Look Website** of Aahwaan, and get one for yourself too. Call us Now.

ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

Visit our website today for more feature rich presentations and informations. http://aahwaan.9999mb.com/

ସପ୍ତଦଶ ଶତାବ୍ଦୀର ଧୂମୁସର ଭଳି ପୃଥିବୀର ଏକ ଅଜ୍ଞାତ କୋଣରେ ଲେଖନୀ ଚାଳନା କରୁଥିବା ଉପେନ୍ଦ୍ରଭଞ୍ଜ ଏ ଆଧୁନିକ ପରିସଂଖ୍ୟାନ ସହିତ ପରିଚିତ ନ ଥାଇ ମଧ୍ୟ ନାରୀ ଶରୀର ସମ୍ବନ୍ଧରେ ଏଭଳି ଏକ ସୌନ୍ଦର୍ଯ୍ୟବୋଧ ପୋଷଣ କରିବାରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ ବୋଲି ସୁଦୂର ଆମେରିକାର ଟେକ୍ସାସ୍ ବିଶ୍ୱବିଦ୍ୟାଳୟ ଦ୍ୱାରା କରାଯାଇଥିବା ବିବର୍ତ୍ତନବାଦୀ ମନୋବିଜ୍ଞାନ ସଂପର୍କିତ ଏକ ଗବେଷଣାର ଫଳାଫଳରୁ ସ୍ପଷ୍ଟ ହୋଇଯାଏ। ଏହି ବିଶ୍ୱବିଦ୍ୟାଳୟର ଗବେଷକ ଦେବେନ୍ଦ୍ର ସିଂହ ଅବଶ୍ୟ ଉପେନ୍ଦ୍ରଭଞ୍ଜଙ୍କ ବିଷୟରେ ଆଦୌ ଅବଗତ ନ ଥିବେ।

ଏହି ଗବେଷଣା ପ୍ରମାଣ କରିବାକୁ ଚାହେଁ ଯେ, ପୃଥିବୀ ସାରା ମାନବ ଇତିହାସର ସବୁ ସମୟରେ ପୁରୁଷମାନେ ପ୍ରାୟ ୨/୩- ଆନୁପାତିକ ଶରୀର ଧାରିଣୀ ନାରୀମାନଙ୍କ ପ୍ରତି ଆକୃଷ୍ଟ ହୋଇ ଆସିଛନ୍ତି। ଏହା ପଛରେ ନିହିତ ବିଜ୍ଞାନ ହେଲା, ଏହି ପରିସଂଖ୍ୟାନ ବିଶିଷ୍ଟ ନାରୀମାନଙ୍କ ଠାରେ ସନ୍ତାନ ସୃଷ୍ଟି ଓ ଉତ୍ତମସ୍ୱାସ୍ଥ୍ୟ ପାଇଁ ଆବଶ୍ୟକ ହରମୋନ୍ ଯଥେଷ୍ଟ ପରିମାଣରେ କ୍ଷରିତ ହୋଇଥାଏ। ପୁରୁଷମାନେ ସ୍ୱତଃ ଏହିପରି ନାରୀଙ୍କୁ ପସନ୍ଦ କରିବା ଦ୍ୱାରା ସେମାନଙ୍କ ବଂଶ ରକ୍ଷା ଓ ବଂଶ ବୃଦ୍ଧି ନିଶ୍ଚିତ ହୋଇଯାଏ। ପ୍ରକୃତି ପୁରୁଷମାନଙ୍କୁ ତେଣୁ ଏଭଳି ନାରୀଙ୍କ ପ୍ରତି ସ୍ୱାଭାବିକ ଭାବେ ଆକର୍ଷିତ କରିଥାଏ। ଡକ୍ଟର ସିଂହ ଏହି ତଥ୍ୟ ଓ ତତ୍ତ୍ୱ ପ୍ରମାଣ କରିବାପାଇଁ ପ୍ରଥମେ ଆମେରିକାରେ ପ୍ରକାଶିତ ପୁରୁଷମାନଙ୍କ ପ୍ରିୟ ପତ୍ରିକା 'ପ୍ଲେ ବୟ'ର ସହାୟତା ନେଲେ। ଏ ପତ୍ରିକାର ପ୍ରତି ସଂଖ୍ୟାରେ ଜଣେ ଜଣେ ସୁନ୍ଦରୀଙ୍କର ପ୍ରାୟ ନଗ୍ନ ଚିତ୍ର ପ୍ରକାଶିତ ହୋଇଥାଏ। ୧୯୫୩ରେ ପ୍ରକାଶିତ ପ୍ରଥମ ସଂଖ୍ୟାରେ ପ୍ରସିଦ୍ଧ ହଲିଉଡ୍ ନାୟିକା ମେରିଲିନ୍ ମନ୍ରୋଙ୍କ ଚିତ୍ର ଛପା ହୋଇଥିଲା। ଗବେଷକ ଦଳ ଏ ପର୍ଯ୍ୟନ୍ତ ଛପା ସମସ୍ତ ପ୍ଲେ ବୟ ମଡେଲ୍ ମାନଙ୍କର ଶାରୀରିକ ପରିସଂଖ୍ୟାନ ସଂଗ୍ରହ କରି ଅନୁଶୀଳନ କଲେ। ସେମାନେ ଦେଖିଲେ ଯେ ଏ ମଡେଲ୍ ମାନଙ୍କର ଓଜନରେ ତାରତମ୍ୟ ରହୁଛି, କିନ୍ତୁ ସମସ୍ତଙ୍କ ଆକୃତି ଡମ୍ବରୁ ଭଳି। ଅର୍ଥାତ୍ ଏହି ଆକୃତି ଏବଂ ଅନୁପାତ ସର୍ବଦା ପୁରୁଷମାନଙ୍କର ପସନ୍ଦ ହୋଇ ରହିଆସିଛି।

କିନ୍ତୁ ଦୁଇଟି କାରଣରୁ ଏ ପ୍ରମାଣ ଯଥେଷ୍ଟ ନୁହେଁ। ଏକ- ପ୍ଲେ ବୟର ପାଠକମାନେ କେବଳ ଆମେରିକୀୟ ପୁରୁଷ, ଦୁଇ- ଏହାର ପ୍ରକାଶନର ସମୟ କାଳ ଅତି ସଂକ୍ଷିପ୍ତ। ଗବେଷଣାର ଏ ଦୁଇଟି ଦୁର୍ବଳତାକୁ ଦୂର କରିବା ପାଇଁ ଗବେଷକ ମାନେ ଆଉ ତିନିଗୋଟି ଦେଶକୁ ଗବେଷଣାର ପରିସର ଭିତରକୁ ନେଲେ- ବ୍ରିଟେନ୍, ଭାରତ ଓ ଚୀନ୍। ସମୟକାଳକୁ ଦୀର୍ଘ କରିବାପାଇଁ ଏମାନେ ଏ ଦେଶମାନଙ୍କର ପ୍ରାଚୀନ ସାହିତ୍ୟକୁ ବିଚାରକୁ ନେଲେ। ଯେହେତୁ କେତେକ ସଂସ୍କୃତିରେ ବକ୍ଷ ଏବଂ ନିତମ୍ବର ବର୍ଣ୍ଣନା ବିରଳ ହୋଇଥାଏ। (ଭାରତ ନୁହେଁ)। ଏବଂ ୨/୩ ଅନୁପାତ ସମ୍ବନ୍ଧରେ ସେ ସମୟର ସାହିତ୍ୟରେ ସିଧାସଳଖ ଉଲ୍ଲେଖର ସମ୍ଭାବନା ନାହିଁ, ଗବେଷକମାନେ ଏକ ବିକଳ୍ପ ଭାବରେ କେବଳ କଟିର ବର୍ଣ୍ଣନା ଅନୁସନ୍ଧାନ କଲେ।

ଚୀନ୍‌ର ଷଷ୍ଠ ରାଜବଂଶର ସମସ୍ତ ରାଜକୀୟ କବିତାରେ ବର୍ଣ୍ଣିତ ସମସ୍ତ ସୁନ୍ଦରୀ ମାନଙ୍କର କଟି ଥିଲା କ୍ଷୀଣ। ସେହିପରି ପ୍ରଥମ ଶତାବ୍ଦୀରୁ ତୃତୀୟ ଶତାବ୍ଦୀ ମଧ୍ୟରେ ରଚିତ ଭାରତର ଦୁଇ ମହାକାବ୍ୟ ମହାଭାରତ ଏବଂ ରାମାୟଣରେ ଯେଉଁଠାରେ କୌଣସି ସୁନ୍ଦରୀ ନାରୀଙ୍କ କଟିର ସୌନ୍ଦର୍ଯ୍ୟ ବର୍ଣ୍ଣନା କରାଯାଇଛି, ସବୁଠାରେ ତାହା କ୍ଷୀଣ ବୋଲି ପ୍ରଶଂସା କରାଯାଇଛି। ଷୋଡଶରୁ ଅଷ୍ଟାଦଶ ଶତାବ୍ଦୀମଧ୍ୟରେ ଲିଖିତ ବ୍ରିଟିଶ୍ ସାହିତ୍ୟର କେତେକ ନମୂନାର ଅନୁଶୀଳନ ଠିକ୍ ଏହି ଭଳି ଚିତ୍ର ପ୍ରସ୍ତୁତ କରେ।

ଦୁଇ-ତୃତୀୟାଂଶ ଅନୁପାତର ଡମ୍ବରୁ ଆକୃତି ପ୍ରତି ପୁରୁଷମାନଙ୍କର ଆକର୍ଷଣ ଉଭୟ କାଳଜୟୀ ଏବଂ ସ୍ଥାନ ଜୟୀ ବୋଲି ଏହା ସର୍ବଶେଷ ପ୍ରମାଣ ନ ହୋଇପାରେ, କିନ୍ତୁ ଏକ ବଳିଷ୍ଠ ପ୍ରମାଣ ନିଶ୍ଚୟ। ଯଦି ଗବେଷକ ଦଳ କୋଟି ବ୍ରହ୍ମାଣ୍ଡ ସୁନ୍ଦରୀର ନିମ୍ନ ବର୍ଣ୍ଣନା ଦେଖିଥାନ୍ତେ ତେବେ ସେମାନଙ୍କ ପ୍ରମାଣ ଆହୁରି ବଳିଷ୍ଠ ହୋଇଥାନ୍ତା;

*"କରି ନୂପୁର ତୂରକୁ ବାଜିଣୀ,*
*କଟି ଡମ୍ବରୁରେ ଘଣ୍ଟି ସାଜିଣୀ।"*

ଉପସ୍ଥାପିତ: ଦୈନିକ ସମ୍ବାଦ, ବୁଧବାର, ଫେବୃଆରି, ୨୮, ୨୦୦୭

ଦ୍ୱିତୀୟ ବର୍ଷ
ଚତୁର୍ଥ ସଂଖ୍ୟା
Vol: 2 Issue: 4
May 2007

See the Improved and all new **Vista Look Website** of Aahwaan, and get one for yourself too. Call us Now.

Nyasa Nabodita Presents
ଆହ୍ୱାନ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

Visit our website today for more feature rich presentations and informations. http://aahwaan.9999mb.com/

## ଚନ୍ଦା, ବୁଢା ଓ ପାକୁଆ

ନିଜ ସଂପର୍କରେ ଟିକିଏ ଚିନ୍ତାକଲେ ଆମ ସମସ୍ତଙ୍କ ହୃଦ୍‌ବୋଧ ହେବ ଯେ ଆମେ ସମସ୍ତେ ଊଣା ଅଧିକେ ଈର୍ଷାଳୁ, ପରଛିଦ୍ରାନ୍ୱେଷୀ ଏବଂ ପରଶ୍ରୀକାତର। କିନ୍ତୁ ଏ କଥାଟି ଆମେ ଆରାମରେ ଭୁଲିଯାଉଛୁ। ସେଇଥିପାଇଁ ଜଣେ କିଏ ମନିଷୀ କହିଥିଲେ ଯେ ପରକୁ ଯଦି ଆଙ୍ଗୁଳି ଦେଖାଉଛ, ତେବେ ମନେରଖ ଯେ ତୁମର ତିନୋଟି ଆଙ୍ଗୁଳି ତୁମ ଆଡକୁ ହିଁ ରହୁଛି। ଏଇ ମର୍ମରେ ଏଇ ଗପଟିକୁ ପଢାଯାଉ।

ଗୋଟିଏ ରାଜ୍ୟରେ ଥିଲେ ଜଣେ ରାଜା। ରାଜାଙ୍କ ପୁରୋହିତ ଜଣକ ଥିଲେ ସମଗ୍ର ରାଜ୍ୟର ଗୌରବ। କାରଣ ତାଙ୍କ ସମକକ୍ଷ ଜ୍ଞାନୀ ସେହି ଅଞ୍ଚଳରେ ଆଉ ଦ୍ୱିତୀୟ ନଥିଲେ ବୋଲି ସମସ୍ତେ ଜାଣନ୍ତି। କିନ୍ତୁ ପୁରୋହିତଙ୍କ ପତ୍ନୀ ଜାଣିଥିଲେ ଯେ ରାଜଉଆସ ପଛପଟେ ଝାଟିମାଟିର କୁଡିଆ କରି ରହୁଥିବା ବୁଢା, ଚନ୍ଦା ଆଉ ପାକୁଆ ପଣ୍ଡିତ ତାଙ୍କ ସ୍ୱାମୀଙ୍କଠାରୁ କୌଣସି ଗୁଣରେ କମ୍ ନୁହନ୍ତି। ପତ୍ନୀଙ୍କ ମୁହଁରୁ ଅନ୍ୟ ପଣ୍ଡିତଙ୍କ ପ୍ରଶଂସା ଶୁଣି ପୁରୋହିତ ଜଣକ ଦିନେ ଖୁବ୍ ବିଗିଡିଯାଇ ବିଚାର କଲେ ଯେ ବୁଢାକୁ ବାଟରୁ ସବୁଦିନ ପାଇଁ ହଟେଇ ଦେଲେ ଯାଇ ହେବ। ତେଣୁ ଦିନେ ସେ ସକାଳେ ରାଜାଙ୍କ ଉଆସ ପାଖରେ ପହଞ୍ଚିଲେ ଏବଂ ମିଛ ଗଣନା କରି କହିଲେ ଯେ ଉଆସର ପୂର୍ବ ଦୁଆରଟି ଭାଙ୍ଗି ଉତ୍ତର ଦିଗରେ ଦୁଆରଟିଏ ନଖୋଲିଲେ ରାଜ୍ୟ ଧ୍ୱଂସ ହେବା ଅନିବାର୍ଯ୍ୟ। ଏ କଥା ଶୁଣି ରାଜା ବ୍ୟସ୍ତ ହୋଇ କହିଲେ- ହଉ ସେମିତି କରିବା। ତା'ପରେ ପଣ୍ଡିତ କହିଲେ, - ଉତ୍ତର ଦୁଆର ତିଆରିବେଳେ ନିଆଁ ଗାତରେ ଜଣେ ବୁଢା, ଚନ୍ଦା ଏବଂ ପାକୁଆ ବ୍ରାହ୍ମଣକୁ ଗୋପନରେ ବଳିଦେବାକୁ ହେବ। ରାଜାରେ ଚିନ୍ତାରେ ପଡିଗଲେ ଓ କହିଲେ- ହଇରାଣ କଥା, ଏଭଳି ବ୍ରାହ୍ମଣ ମିଳିବ କେଉଁଠୁ? ପୁରୋହିତ କହିଲେ- ସେ ଚିନ୍ତା ମୋର। କାଲି ରାତିରେ ମୋ ସହିତ ସେନାପତିଙ୍କୁ ପଠାଇଲେ ମୁଁ ଏମିତି ଜଣେ ବ୍ରାହ୍ମଣ ପ୍ରସ୍ତୁତ କରି ରଖିଥିବି। ରାଜା କହିଲେ- ଠିକ୍ ଅଛି। ସେଦିନ ରାତିରେ ଭାରି ଖୁସି ହୋଇ ପୁରୋହିତ ତାଙ୍କ ପତ୍ନୀଙ୍କୁ ସବୁକଥା କହି ବିଦ୍ରୂପର ସହିତ କହିଲେ- ଆଉ ରହିବ ବାଉଁଶ ନା ବାଜିବ ବଇଁଶୀ। ପୁରୋହିତଙ୍କ ପତ୍ନୀ ଏହି କଥା ଶୁଣି ମନ ଦୁଃଖ କଲେ ଏବଂ ପୁରୋହିତ ରାତିରେ ଶୋଇବା ପରେ ପଣ୍ଡିତଙ୍କୁ ଏ କଥା ଜଣାଇଦେଲେ। ପଣ୍ଡିତ ରାତାରାତି ରାଜ୍ୟ ଛାଡି ପଳାଇଲେ। କେବଳ ସେ ଗଲେ ନାହିଁ, ରାଜ୍ୟର ସବୁ ବୁଢା ବ୍ରାହ୍ମଣ ମାନଙ୍କୁ ଏ ଖବର ଦେଇଦେଲେ। ସକାଳକୁ ରାଜ୍ୟରେ ଗୋଟିଏ ବି ବୁଢା ବ୍ରାହ୍ମଣ ନଥିଲେ। ପରଦିନ ବଡି ଭୋର୍‌ରୁ ଯେତେବେଳେ ବଳି ଦେବାର ସମୟ ଆସିଲା, ସେତେବେଳେ ରାଜା ପଚାରିଲେ- ପୁରୋହିତ ମହାଶୟ, ବ୍ରାହ୍ମଣ କାହାନ୍ତି? ପୁରୋହିତ୍ ଚୁପ୍। ଏହା ଦେଖି ଜଣେ ଅମାତ୍ୟ ରାଜାଙ୍କ କାନରେ ଚୁପ୍ କରି କହିଲେ- ମଣିମା, ଆମ ପୁରୋହିତ ବି ବୁଢା, ଚନ୍ଦା ଓ ପାକୁଆ। ଅନ୍ତତଃ ଶୁଭ ବେଳ ଗଡିଯିବା ଆଗରୁ ତାଙ୍କୁ ନେଇ କାମ ଚଳାଇଦେବା। ରାଜା ସେଇଠୁ ଫୁସ୍‌ଫାସ ହୋଇ ପଚାରିଲେ- ତେବେ, ରାଜ ପୁରୋହିତ ହେବ କିଏ? ଅମାତ୍ୟ କହିଲେ- କାହିଁକି, ମୋ ପୁତୁରା ଯିଏ ସଂସ୍କୃତ ବିଶ୍ୱବିଦ୍ୟାଳୟରେ ଆଚାର୍ଯ୍ୟ ଅଛି, ସେ ଭାରୀ ପଣ୍ଡିତ, ବଢିଆ କାମ ଚଳାଇବ। ପୁରୋହିତ କିଛି ନ ବୁଝି ହାଁ ହାଁ କହିଲା ବେଳକୁ ତାଙ୍କୁ କୁଣ୍ଢାଇ ଧରି ଘାତକ ନିଆଁ ଗାତ ଭିତରକୁ ଡେଇଁ ପଡିଲା।

## ଦି ବିଗ୍ ଫାଇଟ୍ ରିଏଲିଟି ସୋ

ରମେନ୍ଦ୍ର କୁମାର

ଆଗ୍ନେୟଗିରି ମୋ ପଡା ରୁମ୍‌କୁ ଭୁସ୍ କରି ପଶିଆସୁ ଆସୁ ଘୋଷଣା କଲା- ହେ ଖବର ପାଇଲୁନା, ଲକ୍ଷ୍ନୌ ୟୁନିଭର୍ସିଟି ଛାତ୍ର ସଂସଦ ନିର୍ବାଚନ ବାତିଲ୍ ହୋଇଗଲା।

ଆଗ୍ନେୟଗିରିର ପିତୃଦତ୍ତ ନାଁ ଥିଲା ତୁଷାର କୁମାର ଗିରି। କିନ୍ତୁ ଯେଉଁଦିନ ସେ ନିଜ ଭିତରେ ଆବେଗର ଲାଭା ପ୍ରବଳ ବେଗରେ ଝଟ୍‌କା ମାରୁଥିବା ଅନୁଭବ କଲା,

ତା'ପରଠୁ ନିଜ ନାଁକୁ ଆଫିଡେବିଟ୍ କରିଦେଇ ଆଗ୍ନେୟଗିରି କରିଦେଇଛି। ରାଜନୀତି ମାମଲାରେ ସେ ହେଉଛି ଆମ ପିଡିର ସବୁଠୁ ବଡ ଜ୍ଞାନୀ ଓ ବିଚକ୍ଷଣ।

ନିର୍ବାଚନ କାହିଁକି ବାତିଲ୍ ହେଲା ଯେ?

ଉପରୁ ପରା ନିର୍ଦ୍ଦେଶ ଆସିଲା ଯେ ଯେଉଁ ପ୍ରାର୍ଥୀଙ୍କର ଅପରାଧୀ ରେକର୍ଡ ଅଛି ସେ ନିର୍ବାଚନରେ ଠିଆ ହୋଇପାରିବ ନାହିଁ। ଏଣେ ଦେଖିଲା ବେଳକୁ ଅଧିକାଂଶ ପ୍ରାର୍ଥୀଙ୍କ ବାୟୋଡାଟାରେ ଗବ୍ବର୍ ସିଂ ମାର୍କ। ତେଣୁ କୁଳପତି ନିର୍ବାଚନକୁ ବାତିଲ୍ କରିଦେଲେ।

ତା'ହେଲେ ତ ବିଲୁକୁଲ୍ ଠିକ୍ ନିଷ୍ପତ୍ତି ନିଆଯାଇଛି।

କି ବାଜେ କଥା କହୁଛୁ। ଏଇଟା ତ ରୀତିମତ ଦାଦାଗିରି, ଅଗଣତାନ୍ତ୍ରିକ ଆଉ ହିଟ୍ଲରୀ ଆଦେଶ।

ଆରେ ବାବା ଆଗ୍ନେୟ, ଟିକେ ଦେଶର ବୃହତ୍ତର ସ୍ୱାର୍ଥ ଦୃଷ୍ଟିରୁ ଚିନ୍ତା କର। ଛାତ୍ର ରାଜନୀତିରେ ଗୁଣ୍ଡାଗର୍ଦ୍ଦିକୁ ପ୍ରଶୟ ଦେଲେ ଦେଶର ଭବିଷ୍ୟତ କ'ଣ ହେବ?

ହେ:, ରାଜନୀତି ଭିତରେ ଉପନିଷଦକୁ କିଆଁ ପୂରୋଉଛୁ? ବି ପ୍ରାକ୍ଟିକାଲ୍। ଆଜିର ଭାରତୀୟ ରାଜନୀତିକୁ ଟିକେ ଅନେଇଲୁ। କୋଉ ଦଳରେ ହିଷ୍ଟ୍ରି ସେଟର୍ଙ୍କ ସଂଖ୍ୟା ଟିକେ କମ୍ କହିଲୁ। ରାଜନୀତିରେ ଏଭଳି ଲୋକଙ୍କ ସଂଖ୍ୟା ବେଶି, ଯାହାଙ୍କର ମୁଖ୍ୟ ବିଜିନେସ୍ ହେଉଛି, ବନ୍ଧୁକ ଆଉ ନିଶାଦ୍ରବ୍ୟ କାରବାର, ସାଂପ୍ରଦାୟିକ ହିଂସାକୁ ଉସୁକାଇବା, ଦଙ୍ଗା ଆୟୋଜନ କରିବା, ବୁଥ୍ ଦଖଲ କରିବା ଆଦି।

ତ?

ଛାତ୍ର ରାଜନୀତି ହେଉଛି ସେଇ ବୃହତ୍ତର ରାଜନୀତି ଆଡକୁ ଉଠିଥିବା ବାଇଶି ପାହାଚର ପ୍ରଥମ ପାହାଚ। ଏଇଠୁ ଗରଜୁଥିବା ଆମ ଦେଶର ଭାବୀ କର୍ଣ୍ଣଧାର ମାନେ ଯଦି ଏଇ ଗ୍ରାଉଣ୍ଡ୍ ଫିଲ୍ଡ କଲେଜ୍ କ୍ୟାଂପସ୍‌ରେ କିଛି ମୂଲ୍ୟବାନ ଅଭିଜ୍ଞତା ଠୁଳେଇ ଜାତୀୟ ରାଜନୀତି ପାଇଁ ନିଜକୁ ପ୍ରସ୍ତୁତ କରନ୍ତି ସେଥିରେ ଆପତ୍ତି କାହିଁକି?

ମୁଁ ତୋ କଥା କିଛି ବୁଝି ପାରୁନି।

ଶୁଣ, ଆମେ ତ ପୁଣି ରାଜ୍ୟ ଆଉ ଜାତୀୟ ରାଜନୀତିରେ ଅପରାଧୀମାନଙ୍କ ବରଦାସ୍ତ କରୁଛୁ। ତା'ହେଲେ ଛାତ୍ର ରାଜନୀତିରେ ସେହି ଅଧିକାର ଛଡେଇ ନେବାଟା କି ଗଣତନ୍ତ୍ର? ବରଂ ଆମେ ଛାତ୍ର ରାଜନୀତିରେ ଅପରାଧୀଙ୍କୁ ଉତ୍ସାହିତ କଲେ ଆଜିର ଶିଶୁ କାଲିର ନେତା ହୋଇପାରିବେ। ସେମାନେ ଏଇଠି ନୂଆ ନୂଆ କୌଶଳ ଶିଖିବେ, ନୂଆ ଅନୁଭୂତି ଅର୍ଜନ କରିବେ, ଆଉ ଜାତୀୟ ରାଜନୀତିରେ ଫିଟ୍ ହେଲା ଭଳି ଚୋଖା ଅପରାଧୀରେ ପରିଣତ ହୋଇ ପାରିବେ।

ହଁ ଠିକ୍ କହିଲୁ। ତା'ପରେ ଅତିଶୀଘ୍ର ସେ ସୁଦିନ ଆସିବ, ଯେତେବେଳେ ରାଜନୀତିରେ ଚୋର, ଖଣ୍ଟ, ଡକାଏତ, ବାହୁବଳୀଙ୍କ ଛଡା ଆଉ କେହି ନଥିବେ।

ସେଥିରେ କଣ ହେଲା? ସଂସଦ ଆଉ ବିଧାନସଭା ଅଧିବେଶନ ବେଳେ କ'ଣ ହୁଏ? ସାରା ଦେଶ ଦେଖୁନି କି?

ଆମ ଏମ୍ ଏଲ୍ ଏ ଆଉ ଏମ୍ ପି ମାନେ କେତେଥର ଯେ ଚଉକି ଭାଙ୍ଗି, ମାଇକ୍ ଫୋପାଡି ସଂସଦୀୟ ଭାଷାରେ ମା ଭଉଣୀ ଶୋଧି ହୁଲସ୍ଥୁଲ କରୁଛନ୍ତି। ପୂରା ଅଧିବେଶନଟାକୁ କେଇଟା ଗୁଣ୍ଡା ଅପହରଣ କରି ନିଅନ୍ତି। ତାଙ୍କୁ ରୋକିବାକୁ ସେଇଠି କିଏ ଥାଏ ଯେ? ଅଧ୍ୟକ୍ଷ ପର୍ଯ୍ୟନ୍ତ ନିରବ ଦର୍ଶକ ହେଇ ବସିଥାନ୍ତି। ଏମିତି ଏକପାଖିଆ ଖେଳର କି ମଜା ହେ? ଆମେ ଯଦି ଏବେଠୁ ଯୁବ ଅପରାଧୀମାନଙ୍କୁ କଲେଜ୍ ସ୍ତରରୁ ତାଲିମ୍ ଦେବା, ସେମାନେ ପହଞ୍ଚିଗଲେ ଦୁଇପାଖିଆ ଧସ୍ତାଧସ୍ତି ବେଶ୍ ଜମାଣିଆ ହେବ। ନା' କଣ କହୁଛୁ?

ମୁଁ ହତାଶ ହୋଇ କହିଲି, କଥାରେ ଦମ ତ ଅଛି, ଦୂରଦୃଷ୍ଟି ବି ଅଛି।

ସରକାର୍ ବାହାଦୂର ବାସ ଏଇ ଅଧିବେଶନ ଗୁଡାକୁ ରିଏଲିଟି ସୋ ଭାବରେ ସିଧା ପ୍ରସାରଣ କରିବା କଥା। ଦେଖିବୁ, ଏମିତିକା ସୋ କୁ ସ୍ପନ୍‌ସର କରିବା ପାଇଁ ଦେଶ ବିଦେଶର ସବୁ ନାମୀଦାମୀ କଂପାନୀ ଆଣ୍ଠୁଗଣ୍ଠି ଛିଡେଇ ଦୌଡିବେ। ଆଉ ଏ ସୋ କୁ ଏକ୍ସପୋର୍ଟ କରିଦେଲେ ତ ମୂଲ୍ୟବାନ ବିଦେଶୀ ଦେଶର ମୁଦ୍ରା ଭଣ୍ଡାର ଉଛୁଳିଯିବ। ଏଥିରେ ଆମ ଦେଶର ଗୌରବ ବଢିବ ଆଉ

Nyasa Nabodita Presents

# ଆହ୍ୱାନ

ଦ୍ୱିତୀୟ ବର୍ଷ ଚତୁର୍ଥ ସଂଖ୍ୟା
Vol: 2 Issue: 4
May 2007

See the Improved and all new **Vista Look Website** of Aahwaan, and get one for yourself too. Call us Now.

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

Visit our website today for more feature rich presentations and informations. http://aahwaan.9999mb.com/

ଆମେ ଘୋଷଣା କରିପାରିବା, 'ଗର୍ବ ସେ କହୋ, ହମ୍ ଇଣ୍ଡିଆନ୍ ହେଁ।'

ହଇବେ, ଏ ଗୈରିକ ଦୃଶ୍ୟ ଆମର କି ଗୌରବ ବଢାଇବ?

ଆରେ, ଆମ ତ ସବୁବେଳେ ଆମେରିକାର ଲାଞ୍ଜ ଧରି ତାଙ୍କ ସୋ ଗୁଡାକୁ ଅନୁସରଣ କରି ଆସିଲେ। ଆମର ଯେତେ ସବୁ ହିଟ୍ ଟିଭି ସୋକୁ ଦେଖୁନୁ- ବିଗ୍ ବସ୍, ଇଣ୍ଡିଆନ ଆଇଡଲ୍, କେବିସି, ସବୁତ ଆମେରିକାରୁ ଆମଦାନୀ କରାହେଇଥିବା ମାଲ୍। ଅନ୍ତତଃ ଏଇ ଗୋଟିଏ ତ ହେବ ଆମର ନିଜସ୍ୱ ମାଇଣ୍ଡ୍ ବ୍ଲୋଇଂ ସୋ। ଏଇ ସୋ'ଟା ଆମେରିକାନ୍ ମାନଙ୍କ ନିଃଶ୍ୱାସ ବନ୍ଦ କରିଦେବାକୁ ବାଧ୍ୟ କରିଦେବ। ତା'ପରେ ଦେଖିବୁ, ସେମାନେ କେମିତି ଏହାର ନକଲ ପାଇଁ ଅନୁମତି ନେବାପାଇଁ ଆମ ପଛରେ ଗୋଡେଇବେ।

ସୋ'ର ନାଁଟା ବି ନିଶ୍ଚେ ଭାବିସାରିବୁଣି?

ଏଥିରେ ଭାବିବାର କ'ଣ ଅଛି? ନାଁ ରହିବ 'ଦି ବିଗ୍ ଫାଇଟ୍' ରିଏଲିଟି ସୋ। କହିଦେଇ ଆଗ୍ନେୟଗିରି ଭୁସ୍‌କରି ବାହାରି ଗଲା ତା'ର ଏଇ ଅଭିନବ ଆଇଡିଆର ମୂଲ୍ୟ ବୁଝିଲା ଭଳି ଆଉ ଜଣେ ଯୋଗ୍ୟ ଗରାଖର ତଲାସରେ।

## ସାପ କାମୁଡିଲେ କ'ଣ କରିବେ?

କେଉଁ ଧରଣର ସାପ କାମୁଡିଛି ଜାଣିବା ପାଇଁ ଚେଷ୍ଟା କରନ୍ତୁ।

ବିଷାକ୍ତ ସାପ କାମୁଡିଥିଲେ ( ସନ୍ଦେହ ହେଉଥିଲେ ମଧ୍ୟ) ଶୀଘ୍ର ଚିକିତ୍ସା କରାଇବା ବ୍ୟବସ୍ଥା କରନ୍ତୁ। ସାମାନ୍ୟ ବିଳମ୍ବ ପ୍ରାଣ ନେଇପାରେ। ଗୋଖର ଓ ନାଗ ଆଦି ଜାତୀୟ ସାପ କାମୁଡିଲେ ଅଧଘଣ୍ଟା ମଧ୍ୟରେ ରୋଗୀର ମୃତ୍ୟୁ ହୋଇପାରେ।

ଚିପା ଗହଣା ଆଉ ପୋଷାକ ଶରୀରରୁ ବାହାର କରିଦିଅନ୍ତୁ। ସାପ କାମୁଡିଥିବା ସ୍ଥାନର ଉପର ଓ ତଳେ ଚାଖଣ୍ଡେ ଖଣ୍ଡେ ଜାଗା ଛାଡି ପତଳା କପଡାରେ ଭଲକରି ବାନ୍ଧିଦିଅନ୍ତୁ। ସାପ କାମୁଡିବାପରେ ଦୌଡାଦୌଡି କରନ୍ତୁ ନାହିଁ। ଏହା ଦ୍ୱାରା ବିଷ ଶୀଘ୍ର ବ୍ୟାପି ଯାଇପାରେ।

ସାପ କାମୁଡିଥିବା ସ୍ଥାନରେ ଆପଣ ଆଣ୍ଟିସେପ୍‌ଟିକ୍ କ୍ରିମ୍ ବ୍ୟବହାର କରିପାରିବେ।

କ୍ଷତ ସ୍ଥାନରୁ କ୍ଷରଣ ହେଉଥିବା ତରଳ ପଦାର୍ଥକୁ ହାତରୁ ଛୁଅଁନ୍ତୁ ନାହିଁ, ହାଲୁକା କପଡାରେ ପୋଛି ଦିଅନ୍ତୁ।

ଗୋଡ ଓ ହାତକୁ ତଳକୁ ଝୁଲେଇ ରଖନ୍ତୁ, ରୋଗୀକୁ ଚଳପ୍ରଚଳ ନ କରାଇ ଗୋଟିଏ ସ୍ଥାନରେ ସ୍ଥିର ଭାବରେ ବସାଇ ଦିଅନ୍ତୁ।

ରୋଗୀକୁ ଗରମ ହେଉଥିବା ସ୍ଥାନରେ ରଖନ୍ତୁ।

ତୁରନ୍ତ ନିଷ୍ପତ୍ତି ନିଅନ୍ତୁ।

ରୋଗୀକୁ କିଛି ହୋଇନାହିଁ, ସେ ଖୁବ ଶୀଘ୍ର ଠିକ୍ ହୋଇଯିବ କହି ଆଶ୍ୱାସନା ଦିଅନ୍ତୁ।

ସାପ କାମୁଡିଥିବା ସ୍ଥାନକୁ କିଛି ସମୟ ପାଇଁ ଇଲେକ୍ଟ୍ରିକ୍ ସକ୍ ଦେଇ ପାରନ୍ତି। ଏହା ଦ୍ୱାରା ସଂପୃକ୍ତ ସ୍ଥାନର ରକ୍ତ ସଂଚାଳନ ବନ୍ଦ ହୋଇଯିବ, ଯାହା ଦ୍ୱାରା ବିଷ ବ୍ୟାପିବାର ଆଶଂକା ନଥାଏ। କିନ୍ତୁ ମନେ ରଖନ୍ତୁ ଏହି ପ୍ରଣାଳୀ କରିବା ପୂର୍ବରୁ ଯଥେଷ୍ଟ ସତର୍କତା ଅବଲମ୍ବନ କରିବା ଉଚିତ।

ଘର ଆଖପାଖରେ ଥିବା ଉଇହୁଙ୍କା ଓ ସାପବିଲା ସବୁକୁ ନଷ୍ଟ କରିଦିଅନ୍ତୁ।

ଛୋଟ ପିଲାଙ୍କୁ ବଣବୁଦା ଥିବା ସ୍ଥାନକୁ ଛାଡନ୍ତୁ ନାହିଁ। ପୋଖରୀ ଓ ନଦୀ କୂଳକୁ ଏକୁଟିଆ ଗଲାବେଳେ ପାଣିରେ ପଶିବା ପୂର୍ବରୁ ତାଳି ମାରନ୍ତୁ ଅଥବା ଜୋର୍‌ରେ ପାଟି କରନ୍ତୁ।

ସାପ ରହୁଥିବା ସ୍ଥାନରେ କାମ କରୁଥିଲେ, ଢିଲା ପ୍ୟାଣ୍ଟ୍, ସାର୍ଟ ଓ ଡେଙ୍ଗା ବୁଟ୍ ପିନ୍ଧନ୍ତୁ।

ସାପ କାମୁଡିଥିବା ସ୍ଥାନରେ ବରଫ ଲଗାନ୍ତୁ ନାହିଁ।

ସାପ କାମୁଡିବା ବେଳେ ଯଦି ଏକା ଅଛନ୍ତି ତେବେ ଜମାରୁ ଧୈର୍ଯ୍ୟ ହରାନ୍ତୁ ନାହିଁ। ତୁରନ୍ତ ନିକଟସ୍ଥ ଜନବସତି ପାଖକୁ ଯାଇ ସାପ କାମୁଡିଦେଇଥିବା ବିଷୟରେ ଜଣାନ୍ତୁ।

## ସାଲ୍ୟୁଟ୍

ସାଲ୍ୟୁଟ୍ କେବେ ଆରମ୍ଭ ହେଲା ?

ଅନେକ ସେନାବାହିନୀ ପରଂପରାର ସୁନେଲି ଅତୀତ ରହିଛି । 'ସାଲ୍ୟୁଟ୍' ପରଂପରା ତାହା ମଧ୍ୟରୁ ଅନ୍ୟତମ । ଏହା ମଧ୍ୟକାଳରୁ ଆରମ୍ଭ ହୋଇଛି । ସେତେବେଳେ ରାଜାମାନଙ୍କ ଶାସନ ଥିଲା, ଲୁହାର କବଚ ପିନ୍ଧି ଶୂରବୀରମାନେ ଯୁଦ୍ଧ କରୁଥିଲେ ।

'ସାଲ୍ୟୁଟ୍' କେବେ ଆରମ୍ଭ ହେଲା ତାହା କହିବା ମୁସ୍କିଲ୍, କିନ୍ତୁ ଏହା କେଉଁ ପରିସ୍ଥିତିରେ ଆରମ୍ଭ ହେଲା ତାହା ଅନୁମାନ ଲଗାଯାଇପାରେ । ସେହି ସମୟରେ ସୈନ୍ୟ ଅଧିକାରୀମାନେ ଲୁହାର କବଚ ପିନ୍ଧୁଥିଲେ, ଏଣୁ ଦୁଇଜଣ ସୈନ୍ୟ ଯେତେବେଳେ ସାମନା ସାମନି ହେଉଥିଲେ ତେବେ ଶିଷ୍ଟାଚାର ବଶତଃ ଡାହାଣ ହାତ ଚେହରା ଉପରୁ ଆବରଣ ହଟାଇ ନିଜର ପରିଚୟ ଦେଉଥିଲେ । ଆଉ ଏକ ସମ୍ଭାବନା ହେଉଛି ଯେବେ ପ୍ରତିଦ୍ୱନ୍ଦୀ ଜଣକ ଆରକର ସାମନା ସାମନି ହେଉଥିଲେ ତେବେ ନିଜ ଡାହାଣ ହାତ ଉଠାଇ ଦେଖାଉଥିଲେ ଯେ ସେମାନଙ୍କ ପାଖରେ ଅସ୍ତ୍ର ନାହିଁ ।

## ଡଲ୍ଫିନ୍

ଆମ ଓଡିଶାର ଇରାୱାଡି ଡଲ୍ଫିନ

ସମଗ୍ର ବିଶ୍ୱରେ ବର୍ତ୍ତମାନ ମାତ୍ର ଏକ ହଜାର ବିରଳ ପ୍ରଜାତିର ଇରାୱାଡି ଡଲ୍ଫିନ୍ ଥିବା ବେଳେ କେବଳ ଚିଲିକା ହ୍ରଦରେ ଏମାନଙ୍କ ସଂଖ୍ୟା ୧୩୫ । ଚିଲିକା ହ୍ରଦରେ ଥିବା ୧୩୫ ଇରାୱାଡି ଡଲ୍ଫିନ୍ ମଧ୍ୟରୁ ୧୧୫ ଜଣ ବୟସ୍କ, ୧୫ ଜଣ ମଧ୍ୟ ବୟସ୍କ ଓ ଅବଶିଷ୍ଟ ୫ଟି ହେଉଛନ୍ତି ଶିଶୁ । ବିଶ୍ୱର ଅନ୍ୟ କେଉଁଠି ହେଲେ ଏତେ ସଂଖ୍ୟାରେ ଡଲ୍ଫିନ୍ ଏକାଠି ଦେଖାଯାଆନ୍ତି ନାହିଁ । ଚଳିତ ବର୍ଷ ବିଶ୍ୱବ୍ୟାପୀ କରାଯାଇଥିବା ଡଲ୍ଫିନ୍ ଗଣନା କାର୍ଯ୍ୟକ୍ରମ ଶେଷରେ ଏହି ତଥ୍ୟ ଜଣା ପଡିଛି । ଗତବର୍ଷ ଚିଲିକା ହ୍ରଦରେ ଏମାନଙ୍କ ସଂଖ୍ୟା ୧୩୧ ଥିବା ବେଳେ ଚଳିତ ବର୍ଷ ଏହା ୧୩୫କୁ ବୃଦ୍ଧିପାଇଛି ବୋଲି ଚିଲିକା ଉନ୍ନୟନ ପରିଷଦର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ସୁଦର୍ଶନ ପଣ୍ଡା ସୂଚନା ଦେଇଛନ୍ତି । ବଙ୍ଗୋପସାଗର ସହିତ ମିଶିଥିବା ଚିଲିକାର ମୁହାଣ ଅଞ୍ଚଳ ହେଉଛି ଇରାୱାଡି ଡଲ୍ଫିନ୍ ମାନଙ୍କର ସବୁଠୁ ପ୍ରିୟ ସ୍ଥାନ । କାରଣ ଡଲ୍ଫିନ୍ ଗଣନା ସମୟରେ ସର୍ବୋଚ୍ଚ ୭୩ଟି ଡଲ୍ଫିନ୍‌କୁ କେବଳ ମାତ୍ର ଏହି ଅଞ୍ଚଳରେ ଦେଖିବା ପାଇଁ ମିଳିଥିଲା । ଏଥିସହ ଏହି ଅଞ୍ଚଳରେ ୮ଟି ଡଲ୍ଫିନ୍‌ଙ୍କ ମୃତ୍ୟୁ ଘଟିଥିଲା । ବର୍ତ୍ତମାନର ପରିବର୍ତ୍ତିତ ପରିସ୍ଥିତିରେ ଏହି ଅଞ୍ଚଳ ଆଉ ଇରାୱାଡି ଡଲ୍ଫିନ୍ ମାନଙ୍କର ପ୍ରିୟ ସ୍ଥାନ ହୋଇ ରହିନାହିଁ । କାରଣ ଏବେ ଇରାୱାଡି ଡଲ୍ଫିନ୍ ମାନେ ଅନ୍ୟତ୍ର ପଳାଇଯିବାକୁ ଆରମ୍ଭ କରିଥିବା ଦେଖିବାକୁ ମିଳିଛି । ଯାହାକି ଏକ ଚିନ୍ତାର କାରଣ । ଉଲ୍ଲେଖଯୋଗ୍ୟ ହେଉଛି ଏହି ଇରାୱାଡି ଡଲ୍ଫିନ୍‌ମାନେ ପ୍ରତିବର୍ଷ ଲକ୍ଷାଧିକ ପର୍ଯ୍ୟଟକଙ୍କୁ ଚିଲିକାକୁ ଟାଣି ଆଣୁଥିବାର ଦେଖାଯାଇଛି ।

## ତାକୁ ଶୋଇବାକୁ ଦିଅନ୍ତୁ

ଚାହୁଁଛନ୍ତି କି ପିଲା ପରୀକ୍ଷାରେ ଭଲ କରୁ ?

ତାକୁ ଶୋଇବାକୁ ଦିଅନ୍ତୁ

ଆପଣ ଯଦି ଚାହାନ୍ତି ଯେ ଆପଣଙ୍କ ପିଲା ପରୀକ୍ଷାରେ ଭଲ କରନ୍ତୁ, ତେବେ ଆପଣ ସେମାନଙ୍କୁ ଯଥେଷ୍ଟ ଶୋଇବାକୁ ଦିଅନ୍ତୁ । ଆମ ପରିବାର ମାନଙ୍କରେ ଧାରଣାଟିଏ ଅଛି ଯେ ରାତି ଅନିଦ୍ରା ହୋଇ ବା ବଡି ଭୋର୍‌ରୁ ଉଠି ପଡିଲେ ପାଠ ଭଲ ମନେ ରହେ । କିନ୍ତୁ ବର୍ତ୍ତମାନର ଗବେଷଣା ସ୍ପଷ୍ଟ କରିଦେଇଛି ଯେ ଜଣେ ଯେତେ ପଢିଲେ ଯଦି ଯଥେଷ୍ଟ ସମୟ ଶୋଇବାପାଇଁ ନ ପାଉଛି, ତେବେ ତାହା ସ୍ମରଣ ଶକ୍ତି ଉପରେ କୁପ୍ରଭାବ ପକାଇବ ଏବଂ ସେ ପରୀକ୍ଷାରେ ଭଲ କରିପାରିବ ନାହିଁ । ଏ କଥା ପ୍ରକାଶିତ ହୋଇଛି ହାଭାର୍ଡ୍ ମେଡିକାଲ୍ କଲେଜ୍ ପକ୍ଷରୁ ପ୍ରକାଶିତ ଏକ ଜର୍ନାଲ୍‌ରେ । ସେହି ଜର୍ନାଲ୍‌ରେ ଏହି କଥାନେଇ ଚିନ୍ତା

Nyasa Nabodita Presents

# ଆହ୍ୱାନ

ଦ୍ୱିତୀୟ ବର୍ଷ ଚତୁର୍ଥ ସଂଖ୍ୟା
Vol: 2 Issue: 4
May 2007

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

See the Improved and all new **Vista Look Website** of Aahwaan, and get one for yourself too. Call us Now.

Visit our website today for more feature rich presentations and informations. http://aahwaan.9999mb.com/

ବ୍ୟକ୍ତ କରାଯାଇଛି ଯେ ବର୍ତ୍ତମାନର ଜୀବନଶୈଳୀରେ ମଣିଷର ଶୋଇବା ସମୟ ସାଂଘାତିକ ଭାବେ ଆକ୍ରାନ୍ତ ହୋଇଛି ଏବଂ ଏହି କ୍ରମକ୍ଷୟିଷ୍ଣୁ ଶୋଇବା ସମୟ ମଣିଷର ବ୍ୟକ୍ତିତ୍ୱକୁ ମଧ୍ୟ ପ୍ରଭାବିତ କରୁଛି ।

ଏହି ସଂକ୍ରାନ୍ତରେ ଏକ ବହୁଚର୍ଚ୍ଚିତ ଗବେଷଣାର ସିଦ୍ଧାନ୍ତ ବାହାର କରିଛନ୍ତି ଆମେରିକାରେ କାର୍ଯ୍ୟରତ ଭାରତୀୟ ବୈଜ୍ଞାନିକ ମୟାଙ୍କ୍ ମେହେଟ୍ଟା । ଆମର ସ୍ମୃତି ଓ ସ୍ମରଣ ଶକ୍ତିକୁ ନେଇ ଯାହା ଧାରଣା ରହି ଆସିଛି, ସେଇ ଅନୁସାରେ ଆମ ମସ୍ତିଷ୍କର 'ହିପୋକ୍ୟାଂପସ୍' ଅଞ୍ଚଳରେ ମଣିଷର ସଜ ସ୍ମୃତି ସବୁ ରହେ । ଯାହା ଆମେ ଦେଖୁଛେ ବା ଶୁଣୁଛେ ବା ଅନୁଭବ କରୁଛେ, ସବୁ ପ୍ରକାର ସ୍ମୃତି 'ହିପୋକ୍ୟାଂପସ୍'ରେ ରହେ ଏବଂ ଯେଉଁ ସ୍ମୃତି ଆମେ ମନେ ରଖିବା ଉଚିତ ହେବ ବୋଲି ବିଚାର କରେ ତାକୁ 'ନିଓ କର୍ଟେକ୍ସ୍'କୁ ଠେଲିଦିଏ । 'ନିଓ କର୍ଟେକ୍ସ୍'ରେ ଆମର ବହୁ ଦିନର ସ୍ମୃତି ସଂରକ୍ଷିତ ହୋଇରହେ । ଆଗରୁ ଧାରଣା ଥିଲା ଯେ, ଏହି ପ୍ରକ୍ରିୟା ସ୍ୱୟଂକ୍ରିୟ ଏବଂ ଆପେ ଆପେ ଆମର ସ୍ମୃତିରୁ କିଛି ବଛା ବଛା ହୋଇ 'ନିଓ କର୍ଟେକ୍ସ୍'ରେ ଗଚ୍ଛିତ ହୋଇରହେ ଏବଂ ବାକି ସବୁ ବିସ୍ମରଣ ବା ଭୁଲିଯିବାର ଗଭୀର ଅନ୍ଧାରକୁ ଚାଲିଯାଏ ।

ତେବେ ନିକଟରେ ମାଥ୍ୟୁ ୱାକର୍ ନାମକ ଜଣେ ବୈଜ୍ଞାନିକ ତାଙ୍କ ଦଳ ସହିତ ଗବେଷଣାକରି ଯେତେବେଳେ ବାହାର କଲେ ଯେ କମ୍ ଶୋଇଲେ ମଣିଷର ସ୍ମୃତି ଓ ସ୍ମରଣ ଶକ୍ତି ଗଭୀରଭାବେ ଆକ୍ରାନ୍ତ ହୁଏ, ସେତିକି ବେଳେ ଏହାର କାରଣ ସଂପର୍କରେ ବୈଜ୍ଞାନିକମାନେ ଚିନ୍ତାକରିବା ଆରମ୍ଭ କରିଦେଇଥିଲେ । ମାଥ୍ୟୁ କିଛି ଯୁବକଙ୍କୁ ନେଇ ସେମାନଙ୍କ ଉପରେ ଗବେଷଣାକରି ନିଶ୍ଚିତ ହୋଇଥିଲେ ଯେ କମ୍ ଶୋଇଥିବା ଯୁବକମାନଙ୍କ ଅପେକ୍ଷା ଯଥେଷ୍ଟ ଶୋଇଥିବା ଯୁବକମାନଙ୍କ ସ୍ମରଣ ଶକ୍ତି ଅଧିକ । ସେ ଆହୁରି ପ୍ରମାଣିତ କରିଦେଲେ ଯେ କମ୍ ଶୋଇଥିବା ଯୁବକମାନେ କିଛି ସମୟ ଅଧିକ ଶୋଇଲା ପରେ ବି ହରାଇଥିବା 'ନିଦ୍ରା ସମୟ'ର ପ୍ରଭାବକୁ ଭରଣା କରି ପାରୁନାହାନ୍ତି । ତେବେ, ଏପରି କାହିଁକି ହେଉଛି, ତାହା ଜଣାପଡିନଥିଲା । ସେ ବାବଦରେ ମୟାଙ୍କ୍ ମେହେଟ୍ଟା ଗବେଷଣା ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଦେଇଛି । ମୟାଙ୍କ୍ ଙ୍କ ଗବେଷଣା କହେ ଯେ ମସ୍ତିଷ୍କର 'ହିପୋକ୍ୟାଂପସ୍' ଏବଂ 'ନିଓ କର୍ଟେକ୍ସ୍' ଭିତରେ ଅନବରତ ସଂଯୋଗ ସ୍ଥାପନ ହେବାର ଏକ ପ୍ରୟାସ ଚାଲିଥାଏ । କିନ୍ତୁ ଦୁଇଟିଯାକ ଅଞ୍ଚଳ ନ୍ୟୁରନ୍ ମାଧ୍ୟମରେ ପରସ୍ପରକୁ ଯେଉଁ ସନ୍ଦେଶ୍ ପଠାନ୍ତି, ସେଥିରେ ତାଳମେଳ ଠିକ୍ ହେଲେ ଯାଇ ହିପୋକ୍ୟାଂପସ୍‌ରୁ କିଛି ସ୍ମୃତି ନିଓ କର୍ଟେକ୍ସ ଭିତରକୁ ପଶିବାରେ ସମର୍ଥ ହୁଏ । ଯଦି ତାଳମେଳ ଠିକ୍ ନ ହୁଏ, ତେବେ ସେଭଳି ସମ୍ଭାବନା ରହେନାହିଁ । ମୟାଙ୍କ୍ ଏବଂ ତାଙ୍କ ଦଳ ଗବେଷଣା କରିଦେଖିଛନ୍ତି, ମଣିଷ ଯେତେବେଳେ ଗଭୀର ନିଦ୍ରାରେ ଶୋଇଥାଏ, ସେତିକିବେଳେ ଏହି ଦୁଇ ଅଞ୍ଚଳର ନ୍ୟୁରନ୍‌ଙ୍କ ମଧ୍ୟରେ ତାଳମେଳ ଓ ସଂଯୋଗ ସ୍ଥାପନ ଠିକ୍ ହୋଇଥାଏ । ତେଣୁ ଏହି ସମୟରେ ହିଁ ସବୁଠାରୁ ଅଧିକ ସ୍ମୃତି ହିପୋକ୍ୟାଂପସ୍‌ରୁ ନିଓ କର୍ଟେକ୍‌ସ୍‌କୁ ପ୍ରବେଶ କରିଥାଏ । ଜାଗ୍ରତଥିଲା ବେଳେ ଏହି ପ୍ରକ୍ରିୟା ଧୀର ହୁଏ ।

ଏହି ସଂପର୍କରେ ବାଙ୍ଗାଲୋରସ୍ଥିତ ନ୍ୟାସନାଲ୍ ସେଣ୍ଟର୍ ଫର୍ ବାୟୋଲୋଜିକାଲ୍ ଷ୍ଟଡିଜ୍'ର ବୈଜ୍ଞାନିକ ସୌମିତ୍ର ଚାଟାର୍ଜୀ କହନ୍ତି ଯେ ସମସ୍ତେ ଜାଣିଥିଲେ, ତଟକା ସ୍ମୃତି ହିପୋକ୍ୟାଂପସ୍‌ରେ ରହେ ଏବଂ ପୁରୁଣା ସ୍ମୃତି ଚାଲିଯାଏ ନିଓ କର୍ଟେକ୍‌ସ୍‌କୁ । କିନ୍ତୁ ତାହା କିଭଳି ହୁଏ, ତାହା ଦେଖାଇ ଦେଇଛନ୍ତି ମୟାଙ୍କ୍ ।

ମୟାଙ୍କଙ୍କ ଏହି ଗବେଷଣା ପ୍ରସୂତ ନିବନ୍ଧ ନେଚର୍ ପତ୍ରିକାରେ ପ୍ରକାଶିତ ହେଲାପର ଏବେ ସମସ୍ତେ ଏହି ବିଷୟରେ ଚର୍ଚ୍ଚା କରୁଛନ୍ତି । ଏ ସଂପର୍କରେ ମନସ୍ତତ୍ତ୍ୱବିଦ୍ ଏବଂ ମନୋଚିକିତ୍ସକମାନେ ଉପଦେଶଦେବା ଆରମ୍ଭ କଲେଣି ଯେ ଯଦି ଆପଣ ନିଜ ପିଲା ପରୀକ୍ଷାରେ ଭଲ କରୁ ବୋଲି ଚାହାନ୍ତି ତେବେ ଅନ୍ତତଃ ପକ୍ଷରେ ତାର ଶୋଇବା ସମୟରୁ କାଟନ୍ତୁ ନାହିଁ ।

**Visit our Webdesign Center for Innovative websites and Buy one of your choice at the lowest price you can never imagine.**
**http://aahwaan.9999mb.com/indexdesign.html**

ଦ୍ୱିତୀୟ ବର୍ଷ
ଚତୁର୍ଥ ସଂଖ୍ୟା
Vol: 2 Issue: 4
May 2007

See the Improved and all new **Vista Look Website** of Aahwaan, and get one for yourself too. Call us Now.

Nyasa Nabodita Presents

ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

Visit our website today for more feature rich presentations and informations. http://aahwaan.9999mb.com/

# ତୁଳସୀ

ତୁଳସୀର ଔଷଧୀୟ ଗୁଣ

ଆମ ସମସ୍ତଙ୍କ ବାଡିବଗିଚାରେ ନିଶ୍ଚିତ ରୂପେ ଦେଖିବାକୁ ମିଳୁଥିବା ଗଛ ହେଉଛି 'ତୁଳସୀ'। ପ୍ରତ୍ୟେକ ହିନ୍ଦୁଙ୍କ ପାଇଁ ତୁଳସୀ ହେଉଛି ଏକ ପବିତ୍ର ଗଛ। ପ୍ରତ୍ୟେକ ପୂଜାରେ ଆବଶ୍ୟକତା ଥାଏ ତୁଳସୀର। ବିନା ତୁଳସୀରେ କୌଣସି ପ୍ରକାର ପୂଜା ଅସମ୍ଭବ। ତେବେ ତୁଳସୀର ରହିଛି ଅନେକପ୍ରକାରର ଆଶ୍ଚର୍ଯ୍ୟଜନକ ଔଷଧୀୟ ଗୁଣ। ଏଠାରେ ଆଲୋଚନା କରିବା ତୁଳସୀର କିଛି ଔଷଧୀୟ ଗୁଣ ଓ ବ୍ୟବହାର ବିଷୟରେ।

ଶରୀରରୁ ଜ୍ୱର କମାଇବା ପାଇଁ ତୁଳସୀ ଏକ ଅବ୍ୟର୍ଥ ଔଷଧ ରୂପେ କାମ କରିଥାଏ। ପ୍ରତି ଦୁଇତିନି ଘଣ୍ଟା ଅନ୍ତରରେ ତୁଳସୀ ରସକୁ ପାଣିରେ ମିଶାଇ ପିଇଲେ ଜ୍ୱର କମିଯାଏ।

ସକାଳୁ ଖାଲି ପେଟରେ ଦୁଇ ଚାମଚ କରି ତୁଳସୀ ରସ ପିଇଲେ ଥଣ୍ଡା, କାଶ, କଫରୁ ଆରୋଗ୍ୟ ମିଳିଥାଏ।

କାନବିନ୍ଧାପାଇଁ ମଧ୍ୟ ତୁଳସୀ ଏକ ଅବ୍ୟର୍ଥ ଔଷଧ। ବିନ୍ଧୁଥିବା କାନରେ ଦୁଇଟୋପା ତୁଳସୀ ପତ୍ର ରସ ପକାଇଲେ କାନବିନ୍ଧା ସଙ୍ଗେ ସଙ୍ଗେ କମିଯାଇଥାଏ।

ସାପ ଓ କଙ୍କଡା ବିଛା କାମୁଡିଲେ କଞ୍ଚା ତୁଳସୀ ପତ୍ରସହିତ ଶୁଖିଲା ତୁଳସୀ ଜଟ ଓ ଚେରକୁ ଏକତ୍ର ବାଟି ପିଇଲେ ବିଷର ପ୍ରଭାବ ପଡିନଥାଏ।

କାମଳ ରୋଗ ପାଇଁ ତୁଳସୀ ପତ୍ରର ରସ ହେଉଛି ଏକ ଅବ୍ୟର୍ଥ ଔଷଧ।

ମଧୁମେହ ରୋଗୀମାନେ ତୁଳସୀ ପତ୍ରର ରସକୁ ନିୟମିତ ସେବନ କଲେ ରକ୍ତରୁ ଶର୍କରା ଅଂଶ କମି ଯାଇଥାଏ।

ସମସ୍ତ ପ୍ରକାର ପେଟ ରୋଗପାଇଁ ମଧ୍ୟ ଏହା ଔଷଧ ପରି କାମ କରିଥାଏ।

ତୁଳସୀ ପତ୍ରର ରସ ଯକ୍ଷ୍ମା ରୋଗର ପ୍ରତିଷେଧକ ପରି କାମ କରେ।

ତୁଳସୀ ପତ୍ରର ରସ ଓ ତେଲ ମ୍ୟାଲେରିଆ ଜ୍ୱରର ଔଷଧଭାବେ କାମ କରେ।

ପ୍ରତ୍ୟେକ ଦିନ ସକାଳୁ ଖାଲି ପେଟରେ ପାଞ୍ଚ ଛଅଟି କଞ୍ଚା ତୁଳସୀ ପତ୍ର ଚୋବାଇ ଖାଇଲେ ଶରୀରରୁ କ୍ଲାନ୍ତି ଦୂର ହେବା ସହ ଶରୀରର ରୋଗ ପ୍ରତିଷେଧକ ଶକ୍ତି ବୃଦ୍ଧିପାଏ।

# ଜଜଙ୍କର ଆର ଯୁକ୍ତି

ଆମେମାନେ ସତରେ କେତେ ବିଚାରବନ୍ତ। ଆମେ ପୂରା କଥାଟିଏ ଶୁଣି, କୌଣସି ଘଟଣା ସଂପର୍କରେ ସବୁଦିଗରୁ ଜାଣି ବିଚାର କରୁ ନା ଅଧା କଥା ଶୁଣି ନିଷ୍କର୍ଷରେ ପହଞ୍ଚିଯାଉ। ପୂରା ସତ୍ୟ ଭିତରକୁ ଯାଉ ନା ଅଧା ସତ୍ୟକୁ ସତ୍ୟ ବୋଲି ମାନିନେଇ କୌଣସି କଥାକୁ ଭଲ ମନ୍ଦ ଭାବେ ବିଚାର କରୁ। ସେଇ ବାବଦରେ ଚୀନ୍ ଦେଶର ଏଇ ଗପଟି।

ଥିଲେ ଜଣେ ବିଚାରପତି। ଭାରି ହରବରିଆ ଆଉ ରାଗୀ। ଥରେ ଜଣେ ଲୋକକୁ ପୁଲିସ୍ ବାନ୍ଧି ଆଣି ତାଙ୍କ ପାଖରେ ହାଜର କଲେ। ବିଚାରପତି ସଙ୍ଗେ ସଙ୍ଗେ ଲୋକଟିକୁ ପଚାରିଲେ- ହଇରେ ତୁ କଣ କରୁଥିଲୁ ଯେ ବନ୍ଧା ହେଲୁ? ଲୋକଟି ଅତି କାକୁସ୍ଥ ହୋଇ କହିଲା- ଧର୍ମାବତାର, କିଛି କରୁ ନଥିଲି। ଗୋଟିଏ ମଇଳା ଦଉଡି ପଡିଥିଲା। ମୁଁ ତାକୁ ଉଠେଇ ଧରି ଚାଲୁଥିଲି ମୋତେ ଏଇ ବାବୁ ଧରି ଆପଣଙ୍କ ପାଖକୁ ନେଇ ଆସିଲେ। ବିଚାରପତି ସଙ୍ଗେ ସଙ୍ଗେ ପୁଲିସ୍ କର୍ମଚାରୀଙ୍କୁ ଅନାଇ କହିଲେ- କ'ଣ ଇଏ ଯାହା କହୁଛି ଠିକ୍? ପୁଲିସ୍ କର୍ମଚାରୀ ଜଣକ 'ହଁ ଯେ ' ବୋଲି କହି ଆଉ କିଛି କହିବାକୁ ଉଦ୍ୟତ ହୁଅନ୍ତେ ବିଚାରପତି ତାଙ୍କୁ ଅଟକାଇ ଦେଇ କହିଲେ- 'ହଁ' ତ 'ଯେ' ପୁଣି କଣ? ସେ କହିବା ମୁତାବକ ତାକୁ ତୁମେ ଧରିଲା ବେଳକୁ ତା' ହାତରେ ମଇଳା ଦଉଡିଟିଏ ଥିଲା ତ? ପୁଲିସ୍ ଜଣକ କହିଲେ- ଏହା ଠିକ୍ ଯେ ସେଇ ଲୋକର ହାତରେ

ଦ୍ୱିତୀୟ ବର୍ଷ
ଚତୁର୍ଥ ସଂଖ୍ୟା
Vol: 2 Issue: 4
May 2007

See the Improved and all new **Vista Look Website** of Aahwaan, and get one for yourself too. Call us Now.

Nyasa Nabodita Presents
ଆହ୍ୱାନ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

Visit our website today for more feature rich presentations and informations. http://aahwaan.9999mb.com/

ମଇଳା ଦଉଡିଟିଏ ଥିଲା, କିନ୍ତୁ!' ବିଚାରପତି ତାଙ୍କୁ ସେଇଠି ଅଟକାଇଦେଲେ କହିଲେ, - ଥିଲା ତ ଥିଲା। ପୁଣି କିନ୍ତୁ ଫିନ୍ତୁ କଣ? ଏହାପରେ ସେ ଆଉ କିଛି ନ ଶୁଣି କହିଲେ- ହାତରେ ଦଉଡିଟିଏ ଧରିଥିଲା ବୋଲି ବନ୍ଧାହେବ? ତା'କୁ ତୁରନ୍ତ ଛାଡ।

ଏଇ ଘଟଣାର କିଛି ଦିନପରେ ବିଚାରପତି ଅବସର ନେଲେ। ଦିନେ ସେ ରାସ୍ତାରେ ବୁଲୁଥାନ୍ତି, ଅସରାଏ ବର୍ଷା ହେଲା। ସେ ଗୋଟିଏ ଗୁମୁଟି ଘର ଭିତରକୁ ପଶିଗଲେ। ସେଇଠି ଆଗରୁ ଜଣେ ଅଶ୍ୱାରୋହୀ ଆଶ୍ରୟ ନେଇଥିଲା। ସେ ହଠାତ୍ ବିଚାରପତିଙ୍କୁ ଦେଖି କହିଲା- ଆଜ୍ଞା ନମସ୍କାର। ଚିହ୍ନି ପାରୁଛନ୍ତି ତ?

ବିଚାରପତି ଜଣକ ମନେ ପକାଇବାକୁ ଚେଷ୍ଟାକଲା ବେଳେକୁ ସେ କହିଲା- ଆଜ୍ଞା ଆଜକୁ ତିନିବର୍ଷ ତଳେ ମୋତେ ବନ୍ଧାହୋଇ ଆପଣଙ୍କ ପାଖକୁ ଅଣାଯାଇଥିଲା। ଆପଣ ମୋତେ ମୁକ୍ତ କରିଦେଇଥିଲେ। ବିଚାରପତିଙ୍କୁ ସବୁ ମନେ ପଡିଗଲା। ସେ କହିଲେ- ହଁ ହଁ ମନେ ପଡିଲା। ତୁମେ ସେଇତ ଯିଏ ଗୋଟିଏ ମଇଳା ଦଉଡି ଧରିଥିଲା ବୋଲି ପୁଲିସ୍ ତାକୁ ବାନ୍ଧିନେଇଥିଲା? ସତରେ ଏମିତି ହେଲେ କେମିତି ଚଳିବ? ଲୋକଟି କହିଲା- ସାର୍, ଠିକ୍ କଥା। କିନ୍ତୁ ସେଦିନ ଆପଣ ପଚାରିଲେ ନାହିଁ ଯେ ଦଉଡିର ଗୋଟିଏ ମୁଣ୍ଡ ମୋ ହାତରେ ଥିଲା, ହେଲେ ଆର ମୁଣ୍ଡଟି କେଉଁଠି ଥିଲା। ସେ ଦଉଡିର ଆର ମୁଣ୍ଡରେ ପ୍ରକୃତରେ ଘୋଡାଟିଏ ବନ୍ଧା ହୋଇଥିଲା। ଆପଣଙ୍କ ଦୟାରୁ ସେଇ ଘୋଡାଟି ଏବେ ମୋର ବହୁତ କାମରେ ଲାଗୁଛି। ଏବେ ବିଚାରପତିଙ୍କ ଅକଲ୍ ଗୁଡୁମ୍। ବର୍ଷା ଛାଡିଯାଇଥିଲା। ବିଚାରପତି କିଛି କହିବା ଆଗରୁ ଲୋକଟି ଘୋଡା ଝପଟାଇ ଚାଲିଗଲା।

Donate and help "Aahwaan" in reaching to all the people of Odia origin, send in your donations to our address, by cash, cheque, drafts and paypal (jyotiprasad@rediffmail.com)

# ରିଜିଓନାଲ୍ ଡାଇଗ୍ନୋଷ୍ଟିକ୍ ସେଣ୍ଟର୍

## ମେସିନ୍ ଅଛି, ମଣିଷ ନାହାନ୍ତି

ଜାନକୀକାନ୍ତ ପଟ୍ଟନାୟକ

ବ୍ରହ୍ମପୁର ଏମ୍କେସିଜି ମେଡିକାଲ୍ କଲେଜ୍ ହସ୍ପିଟାଲ୍ ପରିସରରେ ଥିବା ରିଜିଓନାଲ୍ ଡାଇଗ୍ନୋଷ୍ଟିକ୍ ସେଣ୍ଟର୍ ଦୀର୍ଘ ୧ ବର୍ଷ ଧରି ଖୋଲାଯାଇଥିଲେ ସୁଦ୍ଧା ଏଥିପାଇଁ ଆସିଥିବା ଅତ୍ୟାଧୂନିକ ମେସିନ୍ ଏବେ ଚାଲୁ ହୋଇ ପାରୁନାହିଁ। ବିଭିନ୍ନ ଜଟିଳ ରୋଗର ନିଦାନ ତଥା ଚିହ୍ନଟ ପାଇଁ ଏମ୍କେସିଜି ମେଡିକାଲ୍ କଲେଜ୍ ହସ୍ପିଟାଲ୍ ପରିସରରେ ଅଗଷ୍ଟ ୧୫ ତାରିଖ ୨୦୦୫ରେ ଏହି ରିଜିଓନାଲ୍ ଡାଇଗ୍ନୋଷ୍ଟିକ୍ ସେଣ୍ଟର୍ ଉଦ୍‌ଘାଟିତ ହୋଇଥିଲା। ଏହି ରିଜିଓନାଲ୍ ଡାଇଗ୍ନୋଷ୍ଟିକ୍ ସେଣ୍ଟର୍‌ରେ ପାଥୋଲୋଜି ସମେତ ଅତ୍ୟାଧୁନିକ ସିଟି ସ୍କାନ୍, ଇସିଜି, ଇଇଜି, ଏଣ୍ଡୋସ୍କୋପି, ଇତ୍ୟାଦି ମେସିନ୍ ଆଣି ରଖାଯାଇଥିଲା। କିନ୍ତୁ ପାରା-ମେଡିକାଲ୍ ଷ୍ଟାଫ୍ ସମେତ ଟେକ୍‌ନିକାଲ୍ ଷ୍ଟାଫ୍ ନଥିବାରୁ ଏହି ସବୁ ମେସିନ୍ କାର୍ଯ୍ୟକାରୀ ହେଉନାହିଁ। ଏହି ରିଜିଓନାଲ୍ ଡାଇଗ୍ନୋଷ୍ଟିକ୍ ସେଣ୍ଟର୍ ପାଇଁ ସରକାର ଆଉ ଅଧିକ କର୍ମଚାରୀ ଦେଉନାହାନ୍ତି। ଫଳରେ ଦୀର୍ଘ ଦେଢ ବର୍ଷରୁ ଅଧିକ ଦିନ ଧରି ଲକ୍ଷ ଲକ୍ଷ ଟଙ୍କାରେ କିଣାଯାଇଥିବା ମେସିନ୍ ଗୁଡିକ ବ୍ୟବହାର ନ ହୋଇ କୋଠରୀ ମଧ୍ୟରେ ପଡିରହିଛି। ତେବେ ଏହି ରିଜିଓନାଲ୍ ଡାଇଗ୍ନୋଷ୍ଟିକ୍ ସେଣ୍ଟର୍‌ରେ ଥିବା ପାଥୋଲୋଜି ବିଭାଗ ସ୍ୱାଭାବିକ୍ ଭାବେ କାର୍ଯ୍ୟ କରୁଛି। ରୋଗୀମାନଙ୍କର ସୁବିଧାପାଇଁ ମ୍ୟାଲେରିଆ ସମେତ ଅନ୍ୟାନ୍ୟ ରକ୍ତ ଓ ପାଥୋଲୋଜି ପରୀକ୍ଷା ଏଠାରେ କରାଯାଇ ପାରୁଛି। ଏହା ଦ୍ୱାରା ବହୁଲୋକ ଉପକୃତ ହୋଇପାରୁଛନ୍ତି। ପାଥୋଲୋଜିକୁ ଛାଡିଦେଲେ ଏଠାରେ ଥିବା ଅନ୍ୟ କୌଣସି ଅତ୍ୟାଧୁନିକ ମେସିନ୍ ଗୁଡିକର ବ୍ୟବହାର ହୋଇ ପାରୁନାହିଁ। ବଡ ମେଡିକାଲ୍‌ରେ ଥିବା ବିଭିନ୍ନ ବିଭାଗର ରୋଗୀମାନେ ସେମାନଙ୍କ ରୋଗର ଚିହ୍ନଟ ପାଇଁ ଉପରୋକ୍ତ ଯନ୍ତ୍ରପାତି ଗୁଡିକୁ ବ୍ୟବହାର କରିନପାରି

ଦ୍ୱିତୀୟ ବର୍ଷ
ଚତୁର୍ଥ ସଂଖ୍ୟା
Vol: 2 Issue: 4
May 2007

See the Improved and all new **Vista Look Website** of Aahwaan, and get one for yourself too. Call us Now.

Nyasa Nabodita Presents
ଆହ୍ୱାନ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା
Visit our website today for more feature rich presentations and informations. http://aahwaan.9999mb.com/

ବାଧ୍ୟ ହୋଇ ବାହାରେ ଏହା କରାଇଥାନ୍ତି । ବିଭିନ୍ନ ବିଭାଗର ଡାକ୍ତର ଇସିଜି, ଏଣ୍ଡୋସ୍କୋପି ପାଇଁ ସୁପାରିଶ କରୁଥିଲେ ମଧ୍ୟ ଏହି ସବୁ ପରୀକ୍ଷା ଏଠାରେ ହୋଇନଥାଏ । ଏହି ସବୁ ପରୀକ୍ଷା ପାଇଁ ରୋଗୀମାନେ ବାହାରକୁ ଯାଇ ଅଯଥା ଅଧିକ ଖର୍ଚ୍ଚାନ୍ତ ହୋଇଥାନ୍ତି । ଦୀର୍ଘ ଦେଡ ବର୍ଷ ଧରି ବହୁ ମେସିନ୍ ଆସି ରିଜିଓନାଲ୍ ଡାଇଗ୍ନୋଷ୍ଟିକ୍ ସେଣ୍ଟର୍‌ରେ ପଡିରହିଥିଲେ ସୁଦ୍ଧା ଏଗୁଡିକ ଚାଲୁ ହୋଇ ପାରୁନଥିବା ସଂପର୍କରେ ମେଡିକାଲ୍ ସୂତ୍ରରୁ ଜଣା ପଡିଛି ଯେ, ଏହି ରିଜିଓନାଲ୍ ଡାଇଗ୍ନୋଷ୍ଟିକ୍ ସେଣ୍ଟର୍ ପାଇଁ ଆବଶ୍ୟକ ତାଲିମପ୍ରାପ୍ତ ଟେକ୍‌ନିକାଲ୍ ଷ୍ଟାଫ୍ ଯୋଗାଇଦେବାପାଇଁ ସରକାରଙ୍କୁ ଲେଖାଯାଇଛି । କିନ୍ତୁ ଆଜି ଯାଏଁ ସରକାର ଏଥିନିମନ୍ତେ କୌଣସି ଅଧିକ କର୍ମଚାରୀ ଯୋଗାଇ ଦେଇନାହାନ୍ତି । ରିଜିଓନାଲ୍ ଡାଇଗ୍ନୋଷ୍ଟିକ୍ ସେଣ୍ଟର୍ ସ୍ଥାପନ ହେବା ପରେ ମଧ୍ୟ ପୂର୍ବରୁ ଯାହା ଷ୍ଟାଫ୍ ଥିଲେ ତାହା ରହିଥିବାରୁ ରିଜିଓନାଲ୍ ଡାଇଗ୍ନୋଷ୍ଟିକ୍ ସେଣ୍ଟର୍ ପାଇଁ ଅନ୍ୟ କେଉଁଠାରୁ ଅଧିକ ଷ୍ଟାଫ୍ ଯୋଗାଡ ହୋଇ ପାରୁନାହିଁ । ଫଳରେ ଅସୁବିଧା ସୃଷ୍ଟି ହୋଇଛି । ଲକ୍ଷ ଲକ୍ଷ ଟଙ୍କାର ଅତ୍ୟାଧୁନିକ ମେସିନ୍ ଆସିଥିଲେ ମଧ୍ୟ ଏହା ବ୍ୟବହାର ନ ହୋଇ ପଡିରହିଥିବାରୁ ସର୍ବସାଧାରଣରେ ଅସନ୍ତୋଷ ଦେଖା ଦେଇଛି ।

# ମା ଡଟ୍ କମ୍

ଚନ୍ଦ୍ର ରାଓ ପଟନାୟକ

ମୋହନବାବୁଙ୍କ ପାଇଁ ତାହା ଥିଲା ଗୋଟିଏ ସଂପୂର୍ଣ୍ଣ ନୂତନ ଅନୁଭବର ଦିନ, ଯୋଉଦିନ ସେ ଗୋଟାଏ ଅଟୋରେ ବ୍ରହ୍ମପୁର ରେଳଷ୍ଟେସନ୍‌ଠାରୁ ବଡବଜାର ଆଡେ ପ୍ରଥମକରି ଯାଉଥିଲେ । ଆଗରୁ ସେ ଏହି ସହରକୁ ଆସିନାହାନ୍ତି ନୁହେଁ, ହେଲେ କୌଣସି କାରଣବଶତଃ ସେ ସହର ବଜାର ଅବସ୍ଥିତି ନେଇ ଟିକେ ଖାପଛଡା ହୋଇପଡନ୍ତି ବୋଲି ସହାରା ନେଇଛନ୍ତି ଅଟୋବାଲାର । ବିଶ୍ୱସ୍ତଭଳି ମନେ ହେଉଥିବା ଅଟୋବାଲାଟି ବି କେମିତି କେଜାଣି ମୋହନ ବାବୁଙ୍କ ହାବଭାବରୁ ଠଉରେଇ ନେଇପାରିଛି ଯେ ଭଦ୍ରଲୋକ ଉପକୂଳିଆ । ସେଇଥି ପାଇଁକି' କ'ଣ ସେ ବାବୁଙ୍କ ସହ ଭଲମନ୍ଦ ଦି'ପଦ କଥା ଲଗାଇ ବରମ୍ପୁର କେମିତି ଆଗପରି ନାହିଁ, ମିଲିଟିରିବାଲା ଆସିଲା ଦିନୁଁ ସବୁ ମହଙ୍ଗା ହୋଇଗଲାଣି ଇତ୍ୟାଦି ଇତ୍ୟାଦି ଗପି ଚାଲିଲା । ହେଲେ ମଝିରେ ମଝିରେ ଆଗରେ ସାଇଡ୍ ଦେଉନଥିବା ବାଇକ୍ ବାଲାକୁ ମାତୃଭାଷାରେ କ'ଣ ସବୁ ଗୁଣୁଗୁଣୁ ହୋଇ ସମ୍ବୋଧନ କରୁଥିଲା । ମୋହନବାବୁଙ୍କ କର୍ଣ୍ଣପଟହରେ ଖାଲି 'ମା', ମା' ଶବ୍ଦଟି ପଡୁଥାଏ । ସେପରି ମଧ୍ୟ ସେପଟୁ ବାଇକ୍ ଚଡାଳି ଜଣକ ପଛସିଟ୍‌ରେ ବସିଥିବା ଲୋକଟି ସହ ସ୍ୱରମିଳାଇ ସେମିତି କ'ଣ ଗାରୁ ଗାରୁ ହୋଇ ମାତୃବନ୍ଦନା କରୁଥାଏ । ମା' ଶବ୍ଦପାଇଁ ମୋହନବାବୁଙ୍କ ଭାରି ଦୁର୍ବଳତା କହିଲେ ନ ସରେ । ତାଙ୍କଭଳି ମାତୃଭକ୍ତ ଟିକେ ଦ୍ୱନ୍ଦରେ ପଡିଗଲେ । କ'ଣପାଇଁ ଅଟୋବାଲା ଆଉ ବାଇକ୍‌ବାଲା ଘନଘନ ମାତୃନାମ ସ୍ମରଣ କରୁଛନ୍ତି-ଅଥଚ ଗାରୁ ଗାରୁ ହେଉଛନ୍ତି । ପରସ୍ପରଙ୍କୁ ନାଲି ଆଖିରେ ଚାହିଁଛନ୍ତି । କାକୁସ୍ଥ ଅବତାର ମୋହନବାବୁ ଅଟକିଯାଇଥିବା ଅଟୋରୁ ଓହ୍ଲାଇପଡି ଅବସ୍ଥା ସଂପର୍କରେ କିଛି ବୁଝିବା ପୂର୍ବରୁ ଦେଖିଲେ ଗାଡି ସାଇଡ୍ ଦେବା ନ ଦେବାକୁ ନେଇ ଚାଲିଛି ଏଇ ମାତୃଭାଷା ବିନିମୟ । ଯୋଉ ମାତୃଭକ୍ତ ମୋହନବାବୁଙ୍କର ଛାତିତଳ ଅଟୋବାଲାର ମା'ନାମ ସ୍ମରଣ ପାଇଁ ଓଦା ହୋଇଯାଉଥିଲା । ସେ ଏବେ ବୁଝିପାରୁଛନ୍ତି ମାମଲାଟା କ'ଣ ।

ବ୍ୟାପାରଟା ଟିକେ ଆଗକୁ ମାଡିଗଲା । ଲୋକଙ୍କ ଭିଡ ବଢିଲା । ମୋହନବାବୁ ଦେଖିଲେ, ବେଶୀ ସମୟ ଜଗିଲେ ଅଟୋଚଡାଳି ହିସାବରେ ତାଙ୍କୁ ସାକ୍ଷୀକରିବାକୁ ବଡବଜାର ଥାନା ମାମୁ ଡକେଇବ । ଡେରି ନ କରି ସେ ହ୍ୟାଣ୍ଡ୍ ବ୍ୟାଗ୍‌ଟି ଧରି ଚାଲିଚାଲି ଆଗକୁ ବଢିଲେ ।

ଟିକେ ଆଗକୁ ଯାଇଛନ୍ତି କି ନାହିଁ, କିଏ ଜଣେ ପଛରୁ ତାଙ୍କୁ କମେଣ୍ଟ ମାରିବା ଢଙ୍ଗରେ ତାଙ୍କୁଇ ଲକ୍ଷ୍ୟ କରି ମାତୃବନ୍ଦନା କରିବାର ତାଙ୍କ କାନରେ ପଡିଲା, ହେଲେ ବେଶୀ ସମୟ ରହିଲେ ଅବସ୍ଥା କାହିଁରେ କ'ଣ ନାହିଁ

ହୋଇଯିବ ବିଚାର କରି ସେ ଖସି ପଳାଇବାକୁ ଉଦ୍ୟତ ହେଲେ।

ଏତିକି ବେଳକୁ କିଏ ଜଣେ ପଛପଟୁ କାନ୍ଧରେ ହାତ ମାରିଲା। ମୋହନବାବୁ ଘଡବଡେଇ ଗଲେ। ଏଇ ଏକପ୍ରକାରର ଅଜଣା ସହରରେ ତାଙ୍କ କାନ୍ଧରେ ହାତ ଥାପୁଡାଇଲା ଭଳି ପୁଣି କିଏ ଥାଇପାରନ୍ତି। ବହୁ ପୁରୁଣା ଦିନର ଗ୍ଲାସ୍‌ମେଟ (କ୍ଲାସ୍‌ମେଟ୍ ବୋଲି ପଡିବେନି) ନରହରି ବାବୁ। ଟିକେ ବୁଡା ବୁଡା ଦିଶୁଛନ୍ତି ସିନା- ଚେହେରାରୁ ଜାଣି ହେଉଛି ଛାଂଚ ସମାନ ଅଛି। ସେ ବ୍ରହ୍ମପୁରରେ ରହିଲେଣି ପାଖାପାଖି ପଚିଶି ବର୍ଷ। ତାଙ୍କ କଥାବାର୍ତ୍ତାରେ ଭଲକରି ଲାଗିଆସିଲାଣି ଦକ୍ଷିଣି ଛାଟ। ପୁରୁଣା ବନ୍ଧୁ ମୋହନଙ୍କୁ କେମିତି ପଛପଟୁ ଚିହ୍ନି ନେଲେ। ଆଉ କାଳ ବିଳମ୍ବ ନ କରି ଆରମ୍ଭ କରିଦେଲେ ବରମ୍‌ପୁରୀ ସମ୍ବୋଧନ: ଆରେ ମା' ଏଇଠି କୁଆଡେ?

ମୋହନବାବୁ ହେଇଗଲେ ହତବମ୍ଭ। ମାଟିଗୁଣ କ'ଣ ଏମିତି ହୋଇପାରେ। ଖାସ୍ କଟକିଆ ପୁଣି ରେଭେନ୍‌ସାରୁ ଓଡିଆରେ ପିଜିରେ ଉତୁରିଥିବା ନରହରିର ବି ଏମିତି ରୂପାନ୍ତର ହେଲା କେମିତି? ପିଲାଛୁଆଙ୍କ ଭଲମନ୍ଦ କଥାବାର୍ତ୍ତା ସରିଲା ଓ ଦୁଇ ବନ୍ଧୁ ନିଜ ନିଜ ବାଟ ଦେଖିଲେ।

ସଂଜ ହୋଇ ଆସୁଥାଏ। ମନ୍ଦିରର ଘଣ୍ଟ ଶବ୍ଦରେ ମୁଖରିତ ହୋଇଯାଉଥାଏ ସତ୍ୟନାରାୟଣ ଟେଂପୁଲ୍ ରୋଡ୍। ଅଳ୍ପ ଦୂରରେ ନାମୀ ଆମିଷ ହୋଟେଲ୍‌ରୁ ଭାସି ଆସୁଥାଏ କ୍କ କ କ ରଡି। କିଛି ସୋମରସପ୍ରିୟଙ୍କୁ ମାତୃଭାଷା ବିନିମୟ କରୁଥିବାର ଦେଖି କିନ୍ତୁ ଘାବରେଇ ଯାଇନଥିଲେ ମୋହନବାବୁ।

ତାଙ୍କର କେମିତି ଧାରଣା ହେଲା ଯେ ଏଠି ମା- ଡଟ୍ କମ୍ ଏଠାକାର ଚଳନ୍ତି ଭାଷା। ବାପା ପୁଅକୁ ଡାକନ୍ତି- 'ମା ', ଭାଇ ଭାଇକୁ ଡାକେ 'ମା ', ବନ୍ଧୁ ବନ୍ଧୁକୁ ଡାକେ 'ମା '। ତେଣୁ କାହାରି କିଛି ମାଇଣ୍ଡ କରିବାର ନାହିଁ।

ମୋହନବାବୁ ଆଶ୍ୱସ୍ତ ହେଲେ କି ଏଠି କେହି ରାଗିଲେ ହୁଏତ ଇଂରେଜିରେ ରାସ୍କେଲ୍ କିମ୍ବା ସ୍କାଉଣ୍ଡ୍ରେଲ୍ ଗାଳି କରିଦେବ ସିନା, ଅତ୍ୟଧିକ ଶ୍ରଦ୍ଧା ହେଲେ ଜଣକୁ ଜଣେ 'ମା ' ନାମ ନେଇ ସମ୍ବୋଧନ କରିବ ହିଁ କରିବ। ଧରନ୍ତୁ ଜଣେ ଭଲ ଭାଷଣ ଦେଲେ କି ଭଲ ଗୀତ ଗାଇଲେ। ତାହା ସମସ୍ତଙ୍କ ମନକୁ ପାଇଗଲା। ବ୍ରହ୍ମପୁର କାହିଁକି, ଦକ୍ଷିଣ ଓଡିଶାର ଏହା ଗୋଟାଏ ତାରିଫ୍ ଭାଷାଯେ 'ମା ' କ'ଣ କହିଲାରେ, 'ମା ' କ'ଣ ଗାଇଲା ରେ। ସୁତରାଂ ଏଠି ଭାଷାକୁ ନେଇ ଯେତେଟା ନୁହେଁ, ଭାବକୁ ନେଇ ଚାଲେ କାରବାର। ତେଣୁ ଆଜି ମୋହନବାବୁଙ୍କ କ୍ଷେତ୍ରରେ ଯେଉଁ ବିଭ୍ରାନ୍ତି ହେଲା, ତାହା ଅନେକଙ୍କର ହୁଏତ ହେଉ ନଥିବ। ହେଲେ ଏମିତି ହେବାକୁ କେତେ ଦିନ ଦିଆଯାଇ ପାରିବ କହିଲେ? ଏଠି ଯୋଉ ମାନେ ଭାଷା ଜନନୀଙ୍କ ସୁରକ୍ଷାପାଇଁ ଦିନରାତି ମୁଣ୍ଡ କୋଡି ହେଉଛନ୍ତି, ସେମାନଙ୍କ ପାଖରେ କି ଜବାବ୍ ଅଛି। ସ୍ନେହରେ ଜଣକୁ ଆଉ ଜଣେ କ'ଣ ଟିକେ ଶୁଦ୍ଧ ଭାଷାରେ ସମ୍ବୋଧନ କରିପାରିବନି- ସେ ଦିଗରେ କ'ଣ କରିହେବ ସେ କଥା ଚିନ୍ତା ନ କରି ଖାଲି ଭାଷା ଭାଷା ହେଉଥିବା ମହଲ ଏ ବାବଦରେ କିଛି କୁହନ୍ତୁ।

# ଆମ ଗାଁ ହାଲଚାଲ

କାର୍ତ୍ତିକ ପୂର୍ଣ୍ଣିମାର ବହୁ ଦିନ ପୂର୍ବରୁ ଗାଁରେ ସବୁ ପିଲା ଏକାଠି ହୋଇ ଚିନ୍ତାକଲେ, ଯେ ଏଥର ପୁନେଇଁ ଦିନ କିଛି ଗୋଟାଏ ନୂଆଁ କାମ କରିବେ। ସବୁବର୍ଷ ପରି ଏ ବର୍ଷ ମଧ୍ୟ ମନ୍ଦିର ପାଖ ପଡିଆରେ ଯାତ୍ରା ହେବ ଯେ ପନ୍ଦର ଦିନଯାଏଁ ଆଖପାଖ ଚାଳିଶିଖଣ୍ଡ ଗାଁରୁ ଲୋକମାନଙ୍କର ଧାଡି ଲାଗିଯିବ। ଗାଁ କରଣଘର ମାଷ୍ଟ୍ରେ ସବୁ କଥା ବୁଝିବେ ବୋଲି ଆମେ ଟୋକା ଟାକଳିଆ ମାନେ କ'ଣ କିଛି କରିବାନି। ସବୁ ବସି ବନ୍ଧତୁଠରେ ଏହି କଥା ହେଉଥିବା ବେଳେ ବଳିଆ ସେହି ରାସ୍ତାରେ ଯାଉଥିବା ଦେଖି ସମସ୍ତେ ତା' ଶରଣ ପଶିଲେ। ଯାହା ହେଲେ ଆମ ଗାଁର ଏକମାତ୍ର ଲୋକ ଯିଏ ରାଜଧାନୀ ଯାଏ ଆଉ ମନ୍ତ୍ରୀ ନେତାଙ୍କ ସାଥିରେ ବସି ଚା' ପିଏ। ସବୁ କଥା ଶୁଣି ବଳିଆ କହିଲା, 'କରଣଙ୍କୁ ତ ଆଉ କହିହେବନି କିଛି। କାରଣ କୋଉ ମାନ୍ଧାତା କାଳରୁ ସେ ସବୁକଥା ଶୁଣିବୁଝି କାମ କରୁଛନ୍ତି। ତା'ଙ୍କ ନ୍ୟାୟ ଉପରେ

ଦ୍ୱିତୀୟ ବର୍ଷ
ଚତୁର୍ଥ ସଂଖ୍ୟା
Vol: 2 Issue: 4
May 2007

See the Improved and all new **Vista Look Website** of Aahwaan, and get one for yourself too. Call us Now.

Nyasa Nabodita Presents

# ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

Visit our website today for more feature rich presentations and informations. http://aahwaan.9999mb.com/

ତ କେହି ହାତ ଉଠେଇ ପାରିବେନି । ଆମ ପାଖ ଚାଳିଶିଖଣ୍ଡ ଗାଁରେ ସାନ ମାଷ୍ଟ୍ରଙ୍କ ବହୁତ କାଟତି । କାହାର କ'ଣ ହେଲା ସବୁ ସେ ବୁଝନ୍ତି । ବଡ ଲୋକ । ଆମ ଅଜା କହୁଥିଲା, ଯେ ସେ କାଳରେ ରାଜା ରାଜୁଡାମାନେ ଗାଁ ଗାଁରେ ରାଜୁତି କରିବାପାଇଁ କାର୍ଜିକରଣ ରଖେଇଥିଲେ । ଆମ ଗାଁ କରଣଘର ଅଜସ୍ର ସଂପତ୍ତି ଥିଲା । ଆଉ ଆମ ବୁଡା କରଣେ ଥିଲେ ଭାରି ଜ୍ଞାନୀ ଲୋକ । କବାଟ ସେପାଖେ ଥାଇ ଏପାଖର ସବୁ କଥା କହିଦେଉଥିଲେ। ଏବେ ତା'ଙ୍କ ପିଲାମାନେ ବି କିଛି କମ ନୁହନ୍ତି । ବଡ ପୁଏ ତ ଚାକିରୀ କରିଗଲେ ଯେ ବାହାରେ ରହିଲେ। ସାନେ ଗାଁରେ ମାଷ୍ଟ୍ରେ ହେଇ ରହିଲେ। ବୋପା କରିଥିବା ଭଲ କର୍ମରୁ ଏମିତି ସୁସନ୍ତାନ ମିଳେ। ଦିନେ ତା'ଙ୍କ ନ୍ୟାୟକୁ କେହି ଖୁଣିନାହାନ୍ତି ।'

ସେଇଠୁ ଚାରେଣି(ତା' ନନା ନାଁ ଦେଇଥିଲା ଘନଶ୍ୟାମ, ହେଲେ ଗାଁ ଲୋକେ କହିଲେ ଘନିଆ, ପିଲାକୁ ଭାରି ବାଧିଲା, ହେଲେ ଯୋଉ ଦିନ ସେ ବଡକରଣଙ୍କୁ ଚାରିଣିଟେ ମାଗିଥିଲା ଆଇସ୍କ୍ରି ଖାଇବ ବୋଲି, ସେହି ଦିନୁ ବଡ କରଣ ନାଁ ରଖିଦେଲେ ଚାରେଣି) କହିଲା, ହେଲେ ଭାଇନା ସବୁ ତ ବୁଡାବୁଡା ମାନେ କଲେ ଆଉ ଆମେ ଟୋକାମାନେ କରିବୁ କ'ଣ? ବଳିଆ ହସି କହିଲା, 'ବୁଝିଲୁରେ ଧନ, ତୁ ଏ ଜନ୍ମରେ ନାଇଁ ସାତ ଜନ୍ମରେ ମଧ୍ୟ ସେହି ଚାରେଣି ହେଇକି ଥିବୁ, କରଣ ହେଇ ପାରିବୁନି। ଖାଲି ତୁ ନାଇଁ, ଆମେ ଯେତେବେଳେ ତୋ ବଅସରେ ଥିଲୁ ଆମେ ବି ସେୟା ଭାବୁଥିଲୁ, ହେଲେ କରଣଙ୍କୁ ପାରିବା ଲୋକ କେହି ନାହିଁ। ଗୋଟେ ସନ ଭଗିଆ ଦିଗିତ କହିଲା, କରଣ ଘର ଦୁଆରେ ହରିକୀର୍ତ୍ତନ ହେବନି । ୱାର୍ଡ ମେମ୍ବର ଥିଲା ବୋଲି ତା' କଥାକୁ କିଏ ମନା କଲେନି, ଆଉ ନହେଲେ କାହାର ଏତେ ପାଣି ଯେ କରଣ ଦୂଆରେ ହଉଥିବା କୀର୍ତ୍ତନକୁ ବନ୍ଦ କରିବ । ବଡ କରଣ ସେତେବେଳେ ଥିଲେ, କହିଲେ ନାଇଁ ନାଇଁ ଏମିତି କରନି, ଦେବତାଙ୍କ ନିନ୍ଦା ହେବ । କେହି ଶୁଣିଲେନି । ଯେଇମିତି କୀର୍ତନ ଆରମ୍ଭ କରିଛନ୍ତି, ଛାଁ କୁ ଛାଁ ହରିଜନ ସାହିଟା ଜଳିଗଲା । କାହାର ସାହାସ ନ ଥିଲା ସେ ନିଆଁ ଆଗକୁ ଯିବାକୁ, ସେଇ କରଣ ଆସିଠିଆ ହେଲେ ହାତକୁ ହାତ କରି କେତେ କେତେ ବାଲତି ପାଣି ବୋହି ଆଣି ପକାଇ ନିଆଁ ଲିଭେଇଲେ। ସେହି ଦିନୁ କରଣ ଦୁଆରେ ହେଉଥିବା କୀର୍ତନ କେହି ବନ୍ଦ କରିନାହାନ୍ତି । ଗାଁ କୋଠରେ କେତେ ଗୋସେଇଁ ପୁରୋହିତ ରହିଥିଲେ ବି ଦେଖୁନୁ ମହନ୍ତ କେମିତି ଆସିଲା କ୍ଷଣି କରଣ ଘରେ ଉଭା ହେଉଛନ୍ତି । ଯୋ ସ୍ନେହ, ଦେଖିଲେ ପେଟ ପୁରିବ । ହଇରେ ପୁରୀ ବଡ ମଠରେ ଦେବତା ସମାନ ଆମ ଗାଁ ମହନ୍ତ, ଗାଁରେ କେବଳ କରଣଙ୍କ ଘରକୁ ଯାଆନ୍ତି, ଖାଲି ଯାଆନ୍ତିନି, ଖାଆନ୍ତି ମଧ୍ୟ। ତୁମେ ସବୁ ମନରୁ ଏ ଚିନ୍ତା ବାଆର କର। ହଇରେ ସବୁ ଚିନ୍ତା ତ କରଣେ କଲେ, ତମେ ସବୁ ଯାଉନ, ସେଇଠି ଯାତ୍ରାରେ କନିଆ ଦେଖିବ। କାଇଁକି ଚୁଛାଟାରେ କରଣଙ୍କୁ ହଇରାଣ କରୁଛ ।'

ବଳିଆ ଚାଲିଗଲା ପରେ, ତୁଠ ଅଧାଖାଲି ହେଇଗଲା । କିଏ କହିଲା, ସତ କଥା ଏକା, ନନା ବି କଉଥିଲା । ଆଉ କିଏ କହିଲେ, କାହିଁକି ମୁଣ୍ଡକୁ ଚିନ୍ତା ନେବା, ସବୁ ତ କରଣେ ବୁଝିବେ ଆମେ ଯାତ୍ରା ଦେଖିବା ବଳିଆନା (ସଂକ୍ଷେପରେ ବଳିଆ ନନା) କହିଲା ଭଳିଆ ଯାଇ କି କନିଆ ଦେଖିବା। ଚାରେଣି କହିଲା, ଗଲା ଯାତ୍ରା ବେଳେ ସାନମାଷ୍ଟ୍ରେ ମୋତେ ଡକିକି ଟଙ୍କିଟେ ଦେକିଥିଲେ। ଯାଉଛି, ଏଥର ଦି ଟଙ୍କି ମାଗିବି। ସବୁ ଯେ ଯୁଆଡେ ଚାଲିଗଲେ।

ହେଲେ ତଳ ସାହିର ଦି ତିନିଟା ଟୋକା ଶାନ୍ତି ବସିପାରିଲେନି। ଆର ଦିନ ସଞ୍ଜ ବେଳକୁ ନଇପଠାରେ ମିଟିଂ ଡାକିଲେ। ଗାଁର ସବୁ ଯୁଆନ୍ ଟୋକାଙ୍କୁ ଏକାଠି କରି କହିଲେ, କରଣେ ଯାହା କରିବେ କରନ୍ତୁ, ଚାଲ ଆମେ ସବୁ ମିଶି କିଛି କରିବା, ଯାହା କରଣଙ୍କ କାମକୁ ବାଧା ଦବନି ଆଉ ଆମମାନଙ୍କ ହାତକୁ ଦି ପଇସା ରୋଜଗାର ହେବ। ପଇସ କଥା ଶୁଣି ସବୁ ଶାନ୍ତିରେ ବସି ଭଲପିଲା ଭଳିଆ ଶୁଣିଲେ। କିଏ କଣ ଯୋଜନା କଲା, କିଏ କହିଲା ମିଠା ଦୋକାନ କରିବା, ମୁଁ ଝିଲାପି, ଆଉ ବରା କରିଦେବି। ସମସ୍ତେ ଅନେକ ପ୍ରକାରର ଯୋଜନା ଭିତରେ ଜଣେ କେହି ଚତୁର କହିଲା, ନାଇଁ ସବୁଥିରେ ପଇସା ଲାଗିବ, ଚାଲ ଆମେ ସବୁ ମିଶି ସାଇକେଲ୍ ଷ୍ଟାଣ୍ଡ କରିବା। ଯିଏ ସାଇକେଲ୍

ରଖିବ ଦଶ ପଇସା ଦେବ। ଖାଲି ଦଉଡି ଚାରିପଟ ଆଉ ଚାରିପାଞ୍ଚଟା ଖୁଣ୍ଟି ଯଦି ଯୋଗାଡ ହେବ ଭଲ ହେବ। ସମସ୍ତଙ୍କ ମନକୁ କଥାଟା ପାଇଲା। ତେଣେ ଅଳତାରେ ମଲାଟ ଉପରେ ସାଇଖିଲ୍ ଷ୍ଟାଣ୍ଡ୍ ଲେଖି ପ୍ଲେଟ୍ ବି ତିଆରି ହେଇଗଲା। ହେଲେ ଏତେ ସବୁ କଥା ଆଉ କଣ ଲୁଚି ରହନ୍ତା। କରଣଙ୍କ କାନକୁ ଗଲା। ସାନ କରଣେ ରାଗିକି ପାଟିଟେ କଲେ ଯେ ଅଧା ଗାଁ ଆସି ତାଙ୍କ ଦୁଆରେ ଠିଆ ହୋଇଗଲେ। କରଣେ କହିଲେ, 'ହଇରେ ବଳିଆ, ଇୟେ ସବୁ କି ନାଟ ଚାଲିଚିରେ? ପିଲାଯାକୁ କିଛି ବୁଝଉନ କିରେ? ନିଜେ ନିଜେ ତ ସବୁ ମାଷ୍ଟ୍ରେ ହେଇଯିବେ ଆମେ ସବୁ ଆଉ ଯିବୁ କୁଆଡେ ରେ।'

ସବୁ ଲୋକ କଥା ଶୁଣିଲା ପରେ କେତେ ଜଣ କହିଲେ, ଯଦିପିଲାମାନେ ଏମିତି କରିବାକୁ କହୁଛନ୍ତି କରିବାକୁ ଦିଆଯାଉ, ଦେଖିବା କଣ ହେଉଛି। ସେଇଠୁ କରଣେ ରୋକ୍‌ଠୋକ୍ କହିଦେଲେ, ଯାତ୍ରା ହେଉଚି, ଠାକୁରଙ୍କର ତେଣୁ ଠାକୁର ନାଁରେ କିଏ ପଇସା ମାଗିଲେ ସେ ସହିବେ ନାହିଁ, ତେଣୁ ସେ ଏହି ବର୍ଷ ଆଉ ଯାତ୍ରାର କୌଣସି କଥା ବୁଝିବେ ନାହିଁ। ଭାଳେଣି ପଡିଲା। କାର୍ଜି ଘରେ ସବୁ କହିଲେ, ଯେ କରଣେ ମନା କଲେ ଆପଣ କରିବେ। କାର୍ଜି କହିଲେ ନାଇଁ ହେଇପାରିବନି। ଯଦି କରଣେ ମନାକଲେ ବୋଲିଏ ସେ କାମରେ କିଏ ହାତ ଦେବ ହେ। ସେ ଯା ହେଉ ପଞ୍ଚାୟତ ଅଫିସ୍‌ରେ କଥା ପଡି, ମଙ୍ଗୁଲୁ ପଧାନକୁ ଯାତ୍ରା ଭାର ଦିଆଗଲା। ହଟାକଟା ଲୋକ, ଏକା ହାତରେ ଷଣ୍ଢର ଶିଙ୍ଗଧରି ଉପାଡି ଆଣିବ। ଯାତ୍ରା ପୂର୍ବରୁ ସବୁ ଜିନିଷକୁ ସମାନ ଭାବରେ ଚଳାଇବା ପାଇଁ କମେଟି ତିଆରି ହେଲା। ପିଲା ମାନଙ୍କୁ ସାଇକେଲ୍ ଷ୍ଟାଣ୍ଡ୍ ପାଇଁ ଅନୁମତି ଦିଆଗଲା।

ପୁନେଇଁ ରାତିରେ ଗାଁ ବନ୍ଧ ତୁଠରେ ପୁରା ଗାଁ 'ଆ କା ମା ଭୈ ' ଗୀତ ଗାଇ ବୋଇତ ବନ୍ଦାଣ କଲେ। କରଣ ଘର ମା' ପ୍ରଥମେ ବୋଇତ ଭସେଇଲେ, ପରେ ପରେ ପୁରା ଗାଁ। ସେଇଠୁ ସିଧା ଚାଲି ଚାଲି କାର୍ତ୍ତିକ ମାସର ଶୀତରାତିରେ ସବୁ ଚାଲିଲେ ଶିବ ଦର୍ଶନ ପାଇଁ। ତିନି କିଲୋମିଟର ବାଟ କରଣଘର ବୁଡୀ ଅଣ୍ଟାସଳଖି ଚାଲିଲା ବେଳକୁ ଅନେକ ଥକି ପଡୁଥିଲେ, ହେଲେ ବୁଡୀ ଥକିବା ଲୋକ ନୁହେଁ, ରୋଜ ରୋଜ ସେ ମାସଟା ସାରା ଯାଇଛି।

କରଣ ଘର ବୁଡୀ ଆସି ପୂଜା କଲାପରେ ପୁରୋହିତ ମନ୍ଦିରର କବାଟ ଖୋଲିଲା, ଯାତ୍ରା ଆରମ୍ଭ ହେଇଗଲା। ଫେରିବା ବାଟରେ ବୁଡୀ କହିଲା, 'ହଇରେ ପୁଅ, ଆଉ ତୁ କଣ ଏଥର କିଛି ବୁଝୁନୁ ନା କ'ଣ?' ସାନମାଷ୍ଟ୍ରେ କହିଲେ, 'ବୋଉ ଲୋ ଆମ ଯୁଗ ଗଲା। ନନାଥିଲେ ଯେ ତାଙ୍କ ଆଗରେ ମୁଣ୍ଡ ଟେକି ଠିଆହେବାର ବଳ କାହାର ଥିଲା? ଆଉ ଦେଖେ, ବକଟେ ଲେଖେ ପିଲା, କହିଲେ କଣ ନା, କରଣ କଣ କରିବ। ହଉ, ଆଉ ଆମେ ବି ତ ଭଗବାନ ନୁହେଁ। ଯାହା ତାଙ୍କର ଇଛା।'

ସେ ଦିନ ସାରା ଯାତ୍ରା ଥାନରେ ଭିଡ। ହେଲେ ସବୁ ଗୋଟିଏ କଥା କହୁଥାନ୍ତି। 'ମାଷ୍ଟ୍ରେ ଥିଲେ ଯେ ସବୁ ଭଲ ଥିଲା, ନଇଲେ ସାଇକିଲ୍ ରଖିବା ପାଇଁ କି ପଇସାରେ। ଶଃ। ଖାଲିରେ ଖାଲିରେ ଦଶ ପଇସି ନେଇଯାଉଛନ୍ତି।'

ସଞ୍ଜବେଳକୁ ଯାତ୍ରା ବନ୍ଧା ହେଲା। ଗାଁ ମଣ୍ଡପ ପାଖ ଆଡୁ ବଡ ଯୋରରେ ପାଟିତୁଣ୍ଡ ଶୁଣି କରଣଘର ବୁଡୀ ଦୁଆରେ ବାସି କହିଲେ, 'ହଇରେ ପୁଅ, ଶୁଣୁଚୁ ନା ନାହିଁ ବା। ଏ ଯା, ଟିକେ ଦେଖିବୁ କ'ଣ ପାଟି ହଉଚି।' ସାନପୁଅ ଚୁପ୍‌ଚାପ୍ ବସି କୋଠର ଖାତା ମେଲି କ'ଣ ହିସାବ କରୁ କରୁ କହିଲେ, ' ବୁଝିଲୁ ଲୋ ବୋଉ, ଏବେ ପରା ସରକାର ବାହାଦୁର ସବୁ ବୁଝୁଛନ୍ତି। ଆମେ କିଏ?' ବୁଡୀ ଗାରୁ ଗାରୁ ହେଇ କହିଲା, 'ଯାଉନୁ କାଣେ (କାହିଁକି) ବା, ନନା ଥିଲେ ତୋର ଏମିତି ଘରେ ବସିଥିତେ?' ଏହି ସମୟରେ ଚାରେଣି ଦଉଡି ଆସି କହିଲା, 'ଅଜା (ଗାଁ କରଣଙ୍କୁ ସବୁ ଅଜା କହନ୍ତି), ଜଲଦି ଆସ, ତଳ ସାହିର ଅରୁଣ, ଝିଅସାହିର ପିଣ୍ଟୁବାମୁଣର ମୁଣ୍ଡ ଫଟେଇ ଦେଲାଣି।' ଅଗତ୍ୟା ବାଧ୍ୟ ହୋଇ କରଣେ ଗାଁ ମଣ୍ଡପ ପାଖକୁ ଗଲେ, ତାଙ୍କୁ ଦେଖି ସବୁ ଚୁପ୍ ହେଇଗଲେ। ବଳିଆ ଆସି ସବୁ କଥା ବୁଝେଇଦେଲା।

ଆଜି ଯାତ୍ରାରେ ଯାହା ପଇସା ମିଳିଥିଲା, ସେହି

ଦ୍ୱିତୀୟ ବର୍ଷ
ଚତୁର୍ଥ ସଂଖ୍ୟା
Vol: 2 Issue: 4
May 2007

See the Improved and all new **Vista Look Website** of Aahwaan, and get one for yourself too. Call us Now.

Nyasa Nabodita Presents

ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

Visit our website today for more feature rich presentations and informations. http://aahwaan.9999mb.com/

ପଇସା ଏଇ ଦୁଇଜଣ ମିଶିକି ତାଡି (ଦେଶୀ ମଦ) ପିଇ ଦେଇଚନ୍ତି, ଅନ୍ୟକୁ କିଛି ଦେବା କଥା ଛାଡ ନିଜ ନିଜ ଭିତରେ ବାଡିଆପିଟା ହଉଚେନ୍ତି। କାର୍ଜି ଆସି କହିଲେ, 'ହଇରେ ହରି (କାର୍ଜି କରଣଙ୍କଠୁ ବଡ), ଦେଖେ ଏମାନଙ୍କ ଚାଲାକି ଦେଖ୍।' ସେଇ ପିଲାମାନଙ୍କ ଆଡକୁ ବୁଲିପଡି କହିଲେ, 'ହଇରେ, ଏଇ, ତୋ ବୋପା କେବେ ଯାତ୍ରା କରିଥିଲା। କହିଲା କଣ ନା, କରଣ କାହିଁକି ଯାତ୍ରା କରିବ। କରିଲ ଯାତ୍ରା ଦେଖିଲ ଫଳ। ଆଜି ଗୋଟେ ଦିନ ଏମିତି ଯାଇଛି, ଆହୁରି ପନ୍ଦର ଦିନ ଅଛି, ଦେଖ ଆହୁରି କେତେ ନାଟ ହାଟ ଦେଖିବ ଦେଖ। ହଇରେ ତୁମ ସବୁ ହଣାମରା ହେବ ଯାହା ଜଣାପଡୁଛି। ଛି, କି ଅଭଦ୍ର କଥା। ଏଇ ଖଣ୍ଡମଣ୍ଡଳରେ ଯେତେ ଗାଁ ଲୋକ ଆସିଲେ ସବୁ କେମିତି ଛି ଛି ହେଉଥିଲେ କିଏ ଦେଖିଚ ନା ନାହିଁ। ଆଉ ଏବେ ଯାହା କଲ, ଭଗବାନ, କ'ଣ ମାନ ରହିବ ଆମ ଗାଁର। ଛି।'

ସାନ ମାଷ୍ଟ୍ରେ କହିଲେ, 'ହଇରେ ବଳିଆ, ପିଲାଯାକୁ ଟିକେ ବୁଝା, ଏମିତି ଗଣ୍ଡଗୋଳ କଲେ କଣ ମିଳିବ। ଆମେ ଗାଁର ସମସ୍ତେ ମିଳିମିଶି ସ୍ନେହରେ ରହିଲେ ସିନା ଆମର ଟେକ। ହଇରେ ଚାଳିଶିଖଣ୍ଡ ଗାଁରେ କୋଉଠି କଣଟେ ଖୁଡୁଟେ କି ଖାଡୁଟେ ହେଲେ ଆମେ ଯାଉଚୁ ବୁଝିବା ପାଇଁ ଏବେ ସବୁ ଆମ ଗାଁକୁ ଆସିବେ, ଭଲ ଲାଗିବ। ଆଉ ବଡଭାଇ ପଣିଆ ରହିବ କି?'

ସବୁ ଯେ ଯୁଆଡେ ଭାଗିଲେ। ସଞ୍ଜସରିକି ରାତି ହେଉ ହେଉ କରଣ ଖାଇସାରି ଶୋଇବାକୁ ଯିବାବେଳକୁ ମଙ୍ଗୁଲୁ ପଧାନ ଅଇଲା। ଦୁଆରେ ମୁଣ୍ଡ ନୁଆଇଁ ଠିଆ ହେଇ କହିଲା, 'ଆଜ୍ଞା, ଆମେ ସରିକି ମୁର୍ଖ ନୋକ। ଖାଲି ନେତା ମନ୍ତ୍ରୀ ହେବୁ ବୋଲି ପ୍ରଚାର କରି ୱାର୍ଡ ମେମ୍ବର ଟେ ହେଇଚୁ ସିନା, ମୁଣ୍ଡ କାଇଁ, ସେ ଯାତ୍ରା ମୁଁ ପାରିବିନି ଆଜ୍ଞା। ଆପଣ ହିଁ ବୁଝନ୍ତୁ। ଅଧା ସରିକି ଗାଁ ଲୋକ ସେଇଠି ଜମା ହେଇଗଲେ। ସାନମାଷ୍ଟ୍ରେ କହିଲେ, 'ବଳିଆକୁ ଡାକ।' ବଳିଆ ଆସିଲା ପରେ ମାଷ୍ଟ୍ରେ ତା'ସାଥିରେ ଚାରେଣି ଆଉ କେତେଟା ପିଲାକୁ ପଠେଇ କହିଲେ, 'ଯାଇକି ଆଗ ସେ ସାଇକେଲ୍ ଷ୍ଟାଣ୍ଡ୍ ଭାଙ୍ଗିକି ଆସ।' ତା'ପରଦିନ ଲୋକ ଜାଣିବାକୁ ଆଉ ଅଭାବ ରହିଲାନି ଯେ ଯାତ୍ରା କାହିଁକି ଭଲରେ ହେଉଛି।

## ଅପେକ୍ଷାର ଅନ୍ତ

ସକାଳ ସାତଟାରେ ଟ୍ରେନ୍। ରବିକୁ ସାରାରାତି ନିଦ ନାହିଁ। କେମିତି ସକାଳୁ ଯାଇ ଟିକେଟ୍ କରିବ, ଟ୍ରେନ୍‌ରେ ପୁଣି ଜାଗା ମିଳିବା କଷ୍ଟ। ଏମିତି ଭାବୁ ଭାବୁ କେତେବେଳେ ନିଦ ହେଇଗଲା ସେ ଜାଣି ପାରିଲା ନି। ହଠାତ୍ ତା ବୋଉ ଜୋର୍ କରି ହଲାଇଦେବାପରେ ତା' ନିଦ ଚାଉଁକରି ଭାଙ୍ଗିଗଲା। ଦେଖିଲା, ଟେବୁଲ୍ ଘଣ୍ଟାରେ ସବୁ ସାଡେ ପାଞ୍ଚଟା ହେଇଚି, ଆଉଟିକେ ଡୁଳୋଉଥିଲା, ବୋଉ ଆସି ପୁଣିଥରେ ନିଦ ଭାଙ୍ଗିଦେଇ ଗଲା, ଅଗତ୍ୟା ନିତ୍ୟକର୍ମସାରି ସେ ତୟାର ହେଇଗଲା। ଘରୁ କିଛି ବାଟରେ ହିଁ ଷ୍ଟେସନ୍। କାନ୍ଧରେ ବ୍ୟାଗ୍ ପକାଇ ସେ ଆଗକୁ ବଡିଲା। ଜନଗହଳି ସତ୍ତ୍ୱେ, ଜନୈକ ଭଦ୍ରବ୍ୟକ୍ତିଙ୍କ ସହାୟତାରେ ଟିକେଟ୍ ମିଳିଗଲା। କିନ୍ତୁ ଅସୁବିଧା ଏୟା ହେଲା ଯେ, ସେହି ଭଦ୍ରବ୍ୟକ୍ତିଙ୍କ ଟିକେଟ୍‌ରେ ଏହାର ଟିକେଟ୍ ଯୋଡି ହୋଇଗଲା। ଏହାର ଅର୍ଥ ହେଲା, ବର୍ତ୍ତମାନେ ସେ ନିଜ ଗନ୍ତବ୍ୟ ସ୍ଥଳରେ ପହଞ୍ଚିଲେ ବି ସେହି ଭଦ୍ରବ୍ୟକ୍ତିଙ୍କ ସାଥିରେ ହିଁ ରହିବାକୁ ପଡିବ ହିଁ ପଡିବ। ନହେଲେ, ଟିଟି ଧରିଲେ ମାଗଣାରେ ଦାନ କରିବାକୁ ପଡିବ।

ଟ୍ରେନ୍‌ରେ ସେ ସେହି ଭଦ୍ରବ୍ୟକ୍ତିଙ୍କ ପାଖରେ ହିଁ ବସିଥିଲା। ଅପେକ୍ଷାକୃତ ଶାନ୍ତ ଓ ନିରବ ଦିଶୁଥିବା ସେହି ଭଦ୍ରବ୍ୟକ୍ତିଙ୍କ ଅସଲ ସ୍ୱରୂପ ଟ୍ରେନ୍ ଚାଲିବାର ମାତ୍ର କେଇ ମିନିଟ୍ ମଧ୍ୟରେ ସେ ଜାଣିପାରିଲା। ହଠାତ୍ ତା'ର ନିଜସ୍ୱ ନିରବତାକୁ ଠେଲିଦେଇ କଥାବାର୍ତ୍ତାର ଖିଅ ବାନ୍ଧି ବସିଲେ ସେହି ଭଦ୍ରବ୍ୟକ୍ତି। ଅନିଚ୍ଛାସତ୍ତ୍ୱେ ତାଙ୍କରି ପାଖରେ ଟିକେଟ୍ ଥିବା ଯୋଗୁଁ ସେ କଥାହେବାପାଇଁ ଏକରକମର ବାଧ୍ୟ ହେଲା। ଜୀବନରେ ଅନେକଥର ସେ ଟ୍ରେନ୍‌ରେ ଯାତ୍ରା କରିଛି। ନୀଡହରା ପକ୍ଷୀଟିଏ ପରି ସେ କେବେବି ଗୋଟିଏ ସ୍ଥାନରେ ବସେନି। ଏଇ ଡବାରୁ ସେଇ ଡବା ଏମିତି ବୁଲୁଥାଏ। ଆଜି କିନ୍ତୁ ବନ୍ଧା। ଗୋଟିଏ ଦୃଷ୍ଟିରୁ ଭଲ ବି।

କାରଣ ସେ ଯାଉଥିଲା ମୌଖିକ ପରୀକ୍ଷା ଦେବାପାଇଁ ଚାକିରୀ ପାଇଁ। ଆଉ ଏଇ କଥା ଭଦ୍ରବ୍ୟକ୍ତି କୌଣସି ପ୍ରକାରେ ଜାଣିସାରିଲେ।

ଭୁବନେଶ୍ୱର ଷ୍ଟେସନ୍‌ରେ ଓହ୍ଲାଇଲା ପରେ ସେ ସମ୍ଭବତା ଦଶ କିଲୋମିଟର ରାସ୍ତା ପାରକରି କୌଣସି ଏକ ଶୀତତାପ ନିୟନ୍ତ୍ରିତ କୋଠରୀରେ ଭୋକିଲା ସିଂହ ଆଗରେ ନିରୀହ ହରିଣଟିଏ ପରି ଇଣ୍ଟରଭ୍ୟୁ ଦେବାପାଇଁ ବସିଥାନ୍ତା, କିନ୍ତୁ ଭଦ୍ରବ୍ୟକ୍ତି ତା'କୁ ସେଇଠି ହିଁ ପରୀକ୍ଷା ନେବା ଆରମ୍ଭ କରିଦେଲେ। ଗୋଟିଏ ପରେ ଗୋଟିଏ ପ୍ରଶ୍ନର ଧାଡି ସରୁନଥାଏ। ରବି ଅଣନିଃଶ୍ୱାସୀ ହୋଇପଡିଲା ବେଳକୁ, ପୁଣି ଆଉ ଗୋଟିଏ ପ୍ରଶ୍ନ ଆସିଯାଉଥିଲା। ଏମିତିକା ପ୍ରଶ୍ନ ଯାହା ସେ କେବେ ଶୁଣିନଥିଲା।

'ତୁମର ନିଜର ପାଞ୍ଚଟି ଦୁର୍ବଳତା କଣ କୁହ?'

ରବିର ମନରେ କ୍ରୋଧ ଜାଗ୍ରତ ହେଉଥିଲା କିନ୍ତୁ ସମ୍ଭବତଃ ଏହି ପ୍ରକାରର ଗୁଗୁଲି ବଲ ଆଗରେ ସେ ବ୍ୟାଟକୁ ଉଠେଇ ଆଉଟ୍ ହୋଇଯିବାର ଉପକ୍ରମ କରୁଥିଲେ ବି ଭଦ୍ରବ୍ୟକ୍ତି ଜମାରୁ ଛାଡୁନାହାନ୍ତି। ସେ ମନକୁ ମନ କହିଲା, 'ମନେ ହେଉଚି ମୁଁ ବିଶ୍ୱକପ୍‌ରେ ଖେଳୁଛି ଆଉ ସାମନାରେ ଅଷ୍ଟ୍ରେଲିଆର ବଲର୍ ଗ୍ଲେନ୍ ମାକ୍‌ଗ୍ରାଥ୍ ଅଛନ୍ତି, ଯିଏ ଯେତେ ସମ୍ଭବ ମୋତେ ଆଉଟ୍ କରିବାକୁ ଚାହୁଁଛନ୍ତି?? ନାଇଁ, ଆଉଟ୍ ନ କରି ମୋର ଦୟନୀୟ ଅବସ୍ଥା ଦେଖି ଖୁସି ହେଉଛନ୍ତି।' ପରିଣତ ବୟସର ସେହି ଭଦ୍ରବ୍ୟକ୍ତି ଜଣକ ସମ୍ଭବତଃ ଚାଳିଶି ପାରକରି ସାରିଥିବେ। ଲାଗୁଥିଲେ, ଯେମିତି ସେ ଭୁବନେଶ୍ୱରର କୌଣସି ଏକ ଅଫିସ୍‌ରେ କର୍ମଚାରୀ ଆଉ ଅନେକ ଅନ୍ୟ କର୍ମଚାରୀ ପରି ଦୈନିକ ଏହି ଡିଏମ୍‌ୟୁରେ ଯାତ୍ରା କରୁଛନ୍ତି। ପକେଟ୍‌ରେ କଳା ଆଉ ନାଲିରଙ୍ଗର ଦୁଇଟି ପେନ୍, ଚାଳିଶିଆ ଚଷମା। ପକେଟ୍‌ରେ ବୋଧହୁଏ ତାହାର ଆକାରଠାରୁ ଅଧିକ ପଦାର୍ଥର ସମାହାର ଘଟିଛି। ତେଣୁ ଛାତି ଉପରେ ମୋଟା ବହିଟିଏ ଧରିଲାପରି ସେ ଦେଖାଯାଉଛନ୍ତି। କାନ୍ଧରେ ଗୋଟିଏ କଳାରଙ୍ଗର କ୍ୟାରିବ୍ୟାଗ୍। ସେଥିରେ ପାଣି ବୋତଲଟିଏ ଅଛି ଆଉ ଗାମୁଛାଟିଏ ବି। ଆଉ ଅନ୍ୟାନ୍ୟ ଅଫିସରିଆଙ୍କ ପରି କିଛି କାଗଜପତ୍ର।

ସେ କିଛି ସମୟ ନିରବ ହୋଇଗଲେ। ରବି ନିଜ ବ୍ୟାଗ୍‌ରୁ ସାଧାରଣ ଜ୍ଞାନ ପୁସ୍ତିକାଟିଏ ଖୋଲି ପଢିବା ଆରମ୍ଭ କରିଦେଲା। ଭଦ୍ରବ୍ୟକ୍ତି ବ୍ୟାଗ୍‌ରୁ ଖବର କାଗଜ ଖଣ୍ଡେ ବାହାର କରି କହିଲେ, 'ଆଜିର ତାଜା ଖବର କ'ଣ ଜାଣିଛ?' ରବି ମୁଣ୍ଡ ହଲାଇ 'ନାହିଁ' କହିବା ପରେ ସେ ନିଜେ ନିଜେ ମୁଖ୍ୟ ମୁଖ୍ୟ ଖବର ସବୁ ପଢିପକାଇଲେ। ରବି କିନ୍ତୁ ଅଧିକ କିଛିକଥା ହେବାକୁ ଚାହୁଁ ନଥିଲା। ଏଣୁ ସେ ନିଜ ପାଠ ପଢାରେ ବ୍ୟସ୍ତ ହୋଇପଡିଲା। କିନ୍ତୁ ଭଦ୍ରବ୍ୟକ୍ତିଙ୍କ ଜ୍ଞାନର ଭଣ୍ଡାର ଅଜସ୍ରଥିଲା ଏଥିରେ ତିଳେ ହେଁ ସନ୍ଦେହ ନଥିଲା। ପ୍ରାୟ ଏକ ଘଣ୍ଟାର ଯାତ୍ରା ପରେ ରବି ସାମାନ୍ୟ ରିଲାକ୍ସ ଅନୁଭବ କଲା, ଯେତେବେଳେ ଭଦ୍ରବ୍ୟକ୍ତି, ପାଟି ମେଲାଇ, ଘୁଙ୍ଗୁଡି ମାରି ଶୋଇଗଲେ। ସେ ନିଜ ପଢାରେ ବ୍ୟସ୍ତ ଥିବା ସମୟରେ ଭଦ୍ରବ୍ୟକ୍ତିଙ୍କ ମୋବାଇଲ୍ ଫୋନ୍‌ଟି ବାଜିଉଠିଲା। କିନ୍ତୁ ଭଦ୍ରବ୍ୟକ୍ତି ନିଘୋଡ ନିଦରେ ଶୋଇଯାଇଥିବାରୁ ଉଠିବାର ନାମ ନେଉ ନଥିଲେ।

ରବି ବାଧ୍ୟ ହୋଇ ଭଦ୍ରବ୍ୟକ୍ତିଙ୍କୁ ହାତ ହଲାଇ ନିଦରୁ ଉଠେଇଦେଲା। ସେ ଫୋନ୍‌ରେ କଥା ହେବା ସମୟରେ ସେ ଭଦ୍ରବ୍ୟକ୍ତିଙ୍କ ବିଷୟରେ ଅନେକ କିଛି ଜାଣିପାରିଲା। ବୋଧହୁଏ ତାଙ୍କରି ପୁଅ କିମ୍ବା ଝିଅ କେହି ଫୋନ୍ କରିଥିଲେ। ଆଉ ସେ ବି କୌଣସି ପରୀକ୍ଷା ଦେବାପାଇଁ ଭୁବନେଶ୍ୱର ଯାଉଛନ୍ତି। ଏବେ ରବିର ଆଉ ସନ୍ଦେହ କରିବାର ନଥିଲା କାହିଁକି ସେ ଏତେ ବିଚକ୍ଷଣ ବୁଦ୍ଧିମାନ ଥିଲେ। କିନ୍ତୁ ଏଇ ପରି ଏକ ପରିଣତ ବୟସ (ଚାକିରୀ ଦୃଷ୍ଟୀରୁ)ରେ ସେ ଭଦ୍ରବ୍ୟକ୍ତି କାହିଁକି ଚାକିରୀ ପାଇଁ ଦଉଡୁଛନ୍ତି। ଏଇ ପ୍ରଶ୍ନଟି ଭଦ୍ରବ୍ୟକ୍ତିଙ୍କୁ ପଚାରିବ କି ନାହିଁ ଏଯାଏ ଭାବୁ ଭାବୁ ହଠାତ୍ ନିଜ ଜିହ୍ୱାଉପରେ କାବୁ ରଖିନପାରି ପଚାରିଦେଲା ରବି। ଭଦ୍ରବ୍ୟକ୍ତି ପୂର୍ବପରି ନରମ ଗଳାରେ କହିଲେ ତାଙ୍କର କାହାଣୀ।

ପାଠପଢୁଥିବା ସମୟରେ ସେ ଥିଲେ ସବୁଥିରେ ଅଗ୍ରଣୀ। କିନ୍ତୁ ଚାକିରୀ ସମୟ ଆସିବା ବେଳକୁ ତାଙ୍କରି ପାଠ କୌଣସି ସାହାଯ୍ୟ କରିଲା ନାହିଁ। କାରଣ ଗବେଷଣା

ଦ୍ୱିତୀୟ ବର୍ଷ
ଚତୁର୍ଥ ସଂଖ୍ୟା
Vol: 2 Issue: 4
May 2007

See the Improved and all new **Vista Look Website** of Aahwaan, and get one for yourself too. Call us Now.

Nyasa Nabodita Presents
ଆହ୍ୱାନ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

Visit our website today for more feature rich presentations and informations. http://aahwaan.9999mb.com/

କରିବାର ଦୁର୍ବାର କାମନାକୁ ଏଡାଇ ନପାରି ରାଜନୀତି ବିଜ୍ଞାନ ପରି ଏକ ବିଷୟରେ ସେ ପିଏଚ୍‌ଡି କରିଥିବା ସତ୍ତ୍ୱେ ଚାକିରୀ ପାଇନାହାନ୍ତି । କୌଣସି ଏକ ନୂତନ ଖୋଲା ହୋଇଥିବା କଲେଜ୍‌ରେ ସେ ସ୍ୱଳ୍ପବେତନରେ ଅଧ୍ୟାପନା କରିବ ସହିତ ଟ୍ୟୁସନ୍ କରି ଗୁଜରାଣ ମେଣ୍ଟାଉଛନ୍ତି । (ସମ୍ଭବତଃ ଭଲ ଭାବରେ କାରଣ ସେ ଧରିଥିବା ମୋବାଇଲ୍ ଫୋନ୍‌ଟି ଅନ୍ତତଃ ଦଶ ହଜାର ଟଙ୍କାର ହୋଇଥାଇପାରେ) । କିନ୍ତୁ ଯେଉଁଦିନ ସେହି କଲେଜ୍‌କୁ ସରକାରୀ ମାନ୍ୟତା ମିଳିଲା, କଲେଜ୍ ଟ୍ରଷ୍ଟ ଅଧ୍ୟକ୍ଷ ନିଜ ପୁତୁରାକୁ ଏହି ଭଦ୍ରବ୍ୟକ୍ତି ସ୍ଥାନରେ ନିଯୁକ୍ତି ଦେବା ଦ୍ୱାରା, ହଠାତ୍ ସେ ଚାକିରୀ ବିହୀନ ହୋଇପଡିଥିଲେ । ସୁତରାଂ ସେ ବର୍ତ୍ତମାନ ଚାକିରୀପାଇଁ ବିଭିନ୍ନ ଜାଗାକୁ ଦଉଡୁଛନ୍ତି । ଯେତେବେଳେ ଦିନ ଭଲଥିଲା, ସେହି ସମୟରେ ଘରେ ଦୁଇଟା ଛୁଆ ଆସିଯାଇଥିଲେ, କିନ୍ତୁ ଏବେ ସେମାନଙ୍କୁ ଖାଇବା ପିଇବା ଯୋଗାଇବାକୁ ଆଉ ଶକ୍ତି ମିଳୁନି । ସାନ ଝିଅ ଫୋନ୍ କରି କହୁଥିଲା, 'ବାବା, ତୁମେ ଚିନ୍ତା କରନି, ତୁମ ଚାକିରୀ ନିଶ୍ଚୟ ହେଇଯିବ । ଆଉ ମୁଁ କୌଣସି ଜିନିଷ ପାଇଁ ଜିଦ୍ କରିବିନି ।' ଭଦ୍ରବ୍ୟକ୍ତିଙ୍କ ମୁହଁ ଗମ୍ଭୀର ହୋଇ ଆସିଲା । ମୁହଁ ପୋଛୁ ପୋଛୁ କହିଲେ, 'ମୋ ଝିଅ ଗୋଟିଏ ଉଚ ହିଲ୍‌ବାଲା ଜୋତା କିଣିବାପାଇଁ ଜିଦ୍ କରିଥିଲା, ଦୁଇଶହ ଟଙ୍କା କେମିତି ଦେଇଥାନ୍ତି । ଆଜି ମୋର ଭୁବନେଶ୍ୱର ଆସିବାର ଥିଲା ତ ।'

ଲୋକଟିଏ ଯେ କେତେ ନିଃସହାୟ ହୋଇପାରେ ତାହା ରବି ଦେଖିଥିଲେ ମଧ୍ୟ ଆଜି ବହୁତ ଅନୁଭବ କରି ପାରୁଥିଲା । ସେ ଦିନେ ଅଭାବରେ ବଢିନି, ଯେତେବେଳେ ଯାହା ଚାହିଁଛି, ବାପା ମା ଆଣି ଦେଇଛନ୍ତି । ତେଣୁ ସମ୍ଭବତଃ ଏଇମିତିକା କଷ୍ଟ ସେ କେବେ ଅନୁଭବ କରିନି କିମ୍ବା କରିପାରିବନି ।

ଭୁବନେଶ୍ୱର ଷ୍ଟେସନ୍ ବାହାରକୁ ଆସିଲା ପରେ ତାକୁ କଏଦ୍‌ରୁ ବାହାରକୁ ଆସିଲାଭଳି ଲାଗିଲା । ସାଙ୍ଗେ ସାଙ୍ଗେ ଦଉଡିଲା ଟେକ୍ସିଷ୍ଟାଣ୍ଡ । ବୋଉ କହିଥିଲା, 'ପରୀକ୍ଷାକୁ ଡେରୀ ହେଇଯିବ ତେଣୁ ଟେକ୍ସି କରିଯିବୁ ।' ସେ ପରୀକ୍ଷା କେନ୍ଦ୍ର ପାଖରେ ପହଞ୍ଚିଗଲା ଆଉ ନିଜର ବାୟୋଡାଟା ଜମା କରିଦେଇ ଅପେକ୍ଷାକଲା ନିଜର ପାଳିକୁ । ଏହି ସମୟରେ ସେହି ଭଦ୍ରବ୍ୟକ୍ତିଙ୍କ ଆବିର୍ଭାବ ପରିସ୍ଥିତିକୁ ଜଟିଳ କରିପକାଇଲା । ସେ ସାହାଯ୍ୟ କରିବାକୁ ଚାହୁଁଥିଲେ ସୁଦ୍ଧା ଜୀବନରେ କେବେ ଫେଲ୍ ହୋଇନଥିବା ନିଜର ରେକର୍ଡକୁ ସେ ଭାଙ୍ଗିବାକୁ ଚାହୁଁ ନଥିଲା । ସେଠାରେ ତଥାପି ଆହୁରି ଛ' ସାତଜଣ ପରୀକ୍ଷାର୍ଥୀ ଅପେକ୍ଷା କରିଥିଲେ । ମନେ ମନେ ଭାବୁଥିଲା, 'ମୁଁ ଯଦିଓ ଛାଡିଦିଏ, ଅନ୍ୟ କେହି କ'ଣ ସେହି ଭଦ୍ରବ୍ୟକ୍ତିଙ୍କୁ ଦୟା ଦେଖାଇ ଛାଡିବ କି? ତେଣୁ ମୋର ପ୍ରତିଯୋଗୀତା ସେହି ଭଦ୍ରବ୍ୟକ୍ତିଙ୍କ ସହ ନ ହୋଇପାରେ, ସମ୍ଭବତଃ ଅନ୍ୟ କୌଣସି ପ୍ରତିଯୋଗୀଙ୍କ ସହ ମୋର ପ୍ରତିଦ୍ୱନ୍ଦିତା ହୋଇପାରେ । ଆଉ ତା'ପରେ ଭଦ୍ରବ୍ୟକ୍ତିଙ୍କ ବିଚକ୍ଷଣତା ଆଗରେ ଆଉ ବିଗତ ଅନୁଭୁତି ବା ଏକ୍ସପିରିୟନ୍‌ସ ଆଗରେ ଆମେ ସମସ୍ତେ ତୁଚ୍ଛା ।'

ସେ ପ୍ରଥମେ ପରୀକ୍ଷା ଦେବାପାଇଁ ଭିତରକୁ ଗଲା, ଆଉ ସବୁଥର ପରି ଏହି ଥର ବି ସେ ଭାରି ଭଲ ପରୀକ୍ଷା ଦେଇ ଆସିଲା । ପରେ ପରେ ଭଦ୍ରବ୍ୟକ୍ତି ଭିତରକୁ ଗଲେ କିନ୍ତୁ ଅଳ୍ପ ସମୟ ପରେ ହିଁ ବାହାରକୁ ଚାଲି ଆସିଲେ । ତେଣେ ରିଜଲ୍‌ଟ ବାହାରିବାକୁ ଆହୁରି ଅଧିକ ସମୟ ଅପେକ୍ଷା କରିବାକୁ ପଡିପାରେ ଭାବି ସେ ବାହାରିଗଲା । ଭୁବନେଶ୍ୱର ସହର ବୁଲି ସନ୍ଧ୍ୟାରେ ପୁଣି ସେହି ଡିଏମ୍‌ୟୁରେ ଟିକେଟ୍ କାଟି ବସିଲା ବେଳକୁ ସେହି ଭଦ୍ରବ୍ୟକ୍ତିଙ୍କୁ ଦେଖି ସେ ଉତ୍ସାହିତ ହୋଇ କହିଲା, 'ସାର୍ କ'ଣ ହେଲା? ମୁଁ ଜାଣିଥିଲି, ଆପଣଙ୍କୁ ହିଁ ଏହି ଜବ୍‌ଟା ମିଳିବ । ଆପଣଙ୍କ ବିଚକ୍ଷଣତା ଆଉ ଏକ୍ସିରିୟନ୍‌ସ ଦେଖି ସେମାନେ ଆପଣଙ୍କୁ ଅଧିକ କିଛି ପ୍ରଶ୍ନ ହିଁ ପଚାରିନଥିବେ ।' ସେ କିନ୍ତୁ ଚୁପ୍ ଥିଲେ, କହିଲେ, 'ମୁଁ ଭାବୁଛି, ମୋ ଝିଅପାଇଁ ଜୋତା ହଳକ କିଣିଦେଇଥିଲେ ଅନ୍ତତଃ ସେ କିଛି କ୍ଷଣପାଇଁ ଖୁସି ହୋଇଥାନ୍ତା ।' ରବି କିଛି ବୁଝିପାରିଲାନି, 'ମାନେ' । ଭଦ୍ରବ୍ୟକ୍ତି ନିଜ ହାତ ଆଗକୁ ବଢେଇ କହିଲେ, 'କଂଗ୍ରାଚ୍ୟୁଲେସନ୍‌ସ ଆପଣଙ୍କୁ ସେହି ପଦବୀଟି ମିଳିଲା ।' ରବିର ମୁହଁ ହଠାତ୍ ଖାଲି ବ୍ଲାକ୍‌ବୋର୍ଡ ପରି ହେଇଗଲା । ନା ସେ ଖୁସି

See the Improved and all new **Vista Look Website** of Aahwaan, and get one for yourself too. Call us Now.

Visit our website today for more feature rich presentations and informations. http://aahwaan.9999mb.com/

ହେଇପାରୁଥିଲା, ନା ସେହି ଭଦ୍ରବ୍ୟକ୍ତିଙ୍କ ଦୁ:ଖରେ ସମଦୁ:ଖୀ।

ପୁଣିଥରେ ତା'କୁ ଅଶ୍ୱସ୍ତି ଅନୁଭବ ହେଲା ଏବଂ ଗାଡିଭିତରେ ଚା' ପିଇବା ବାହାନାରେ ସେ ସ୍ଥାନ ଛାଡି ଅନ୍ୟଡବାରେ ଯାଇ ବସିଗଲା, କିନ୍ତୁ ସେ ଜାଣି ପାରୁନଥିଲା ଆଜି ସେ ପୁଣି ଥରେ ଯୋଗ୍ୟ ବିବେଚିତ ହେବା ସତ୍ତ୍ୱେ କାହିଁକି ସେ ଖୁସି ହୋଇପାରୁନାହିଁ।

ଡ ଜ୍ୟୋତି ପ୍ରସାଦ ପଟନାୟକ
ଏମ୍‌ବିବିଏସ୍, ଡିଏମ୍‌ସିଏଚ୍

# ଜୀବନ ଦର୍ଶନ

## ଖୋଲା ପବନରେ ଅଣନି:ଶ୍ୱାସୀ ମଣିଷମାନେ

ଅମ୍ବିକା ଦାଶ

ଜଙ୍ଗଲ ଭିତରେ ରହୁଥିଲେ ଜଣେ ସନ୍ୟାସୀ। ତାଙ୍କର ଥିଲା ଅଦ୍ଭୁତ କ୍ଷମତା। ପୂର୍ଣ୍ଣମୀ ଦିନ ସକାଳୁ ତାଙ୍କୁ ଭେଟୁଥିବା ବ୍ୟକ୍ତିର ଯେ କୌଣସି ମନୋସ୍କାମନା ସେ ପୂର୍ଣ୍ଣ କରିଦେଉଥିଲେ। ତାଙ୍କର ଏହି କ୍ଷମତା ସଂପର୍କରେ ସେହି ରାଜ୍ୟରେ ଯଥେଷ୍ଟ ଆଲୋଚନା ହୁଏ। କହିବା ବାହୁଲ୍ୟ ପୂର୍ଣ୍ଣମୀର ଦୁଇ ତିନିଦିନ ପୂର୍ବରୁ ହିଁ ସନ୍ୟାସୀଙ୍କର ଆଶ୍ରମ ଚାରିପାଖରେ ଭିଡ କରୁଥିଲେ ଦୂରଦୂରାନ୍ତରୁ ଆସୁଥିବା ମାନସିକଧାରୀମାନେ। ତେବେ ସନ୍ୟାସୀ ମାସର ସେହି ଗୋଟିଏ ଦିନ କେବଳ ଜଣେ ବ୍ୟକ୍ତିର ମନୋସ୍କାମନା ପୁରଣ କରିପାରୁଥିଲେ।

ସହରର ଜନୈକ ବ୍ୟବସାୟୀ ସାଧୁଙ୍କୁ ଦେଖା କରିବା ମାନସରେ ପ୍ରାୟ ଗୋଟିଏ ବର୍ଷ ପ୍ରତି ପୂର୍ଣ୍ଣମୀ ରାତିରେ ଆସି ଜଙ୍ଗଲରେ ରହୁଥିଲେ। ଶେଷରେ ଭାଗ୍ୟଦେବୀ ପ୍ରସନ୍ନ ହେଲେ ଓ ସେ ଗୋଟିଏ ସକାଳେ ସନ୍ୟାସୀଙ୍କର ଦୃଷ୍ଟି ଆକର୍ଷଣ କରିବାରେ ପ୍ରଥମ ବ୍ୟକ୍ତି ହେଲେ। ତାଙ୍କର କାମନା ଥିଲା ଲୁହାକୁ ସୁନାରେ ପରିବର୍ତ୍ତନ କରିବାର ମନ୍ତ୍ର। ସନ୍ୟାସୀ ମଧ୍ୟ ତାଙ୍କ କାମନା ପୂର୍ଣ୍ଣ କରିବାରେ ଦ୍ୱିଧା କରିନଥିଲେ। ମନ୍ତ୍ରଟି ଆୟତ୍ତ କରି ହୃଷ୍ଟ ଚିତ୍ତରେ ପ୍ରତ୍ୟାବର୍ତ୍ତନ କରିଥିଲେ ବ୍ୟବସାୟୀ। ଘରକୁ ନଯାଇ ପ୍ରଥମେ ପହଞ୍ଚିଥିଲେ ନିଜ ବ୍ୟବସାୟ ପ୍ରତିଷ୍ଠାନ ପାର୍ଶ୍ୱରେ ପୁରୁଣା ଲୁହା କିଣାବିକା କରୁଥିବା କବାଡିବାଲା ପାଖରେ। ତାକୁ ପୁରୁଣା ଲୁହା ଟନ୍ ପିଛା କେତେ ବୋଲି ପଚାରିଥିଲେ ସେ। କବାଡିବାଲା ଯେଉଁ ଦାମ କହିଥିଲା ତାହା ବଜାର ଦରଠାରୁ ସାମାନ୍ୟ ଅଧିକ ଥିଲା। ତେବେ ବଜାରରେ ଲୁହାର କୃତ୍ରିମ ଅଭାବ ଏହି ଦରବୃଦ୍ଧିର କାରଣ ଓ ଏହା ସାମୟିକ ବୋଲି ବୁଝାଇ କବାଡିବାଲା କହିଥିଲା- ନିହାତି ଆବଶ୍ୟକ ନହେଲେ ଆପଣ ଦିନେ ଦୁଇଦିନ ଅପେକ୍ଷା କରିଯା'ନ୍ତୁ, ଦର ସ୍ୱାଭାବିକ ହୋଇଗଲେ କିଣିନେବେ। ଦକ୍ଷ ବ୍ୟବସାୟୀଙ୍କୁ ମଧ୍ୟ ଉକ୍ତ ପରାମର୍ଶ ସୁହାଇଥିଲା ଓ ପରେ ଆସି ସେ ଲୁହା କିଣିବେ ବୋଲି ଚିନ୍ତା କରି ଘରକୁ ଫେରିଥିଲେ।

ପରଦିନଠାରି ତାଙ୍କର ନିଜ ବ୍ୟବସାୟ ପ୍ରତି ଆଉ ନିଷ୍ଠା ବା ଅନ୍ତରିକତା ନଥିଲା। କେଇ ଟନ୍ ଲୁହା କିଣି ତାକୁ ସୁନାରେ ପରିଣତ କରିବାର ନିଶା ତାଙ୍କୁ ଘାରିଥିଲା। ପ୍ରତି ସକାଳୁ କବାଡିବାଲା ପାଖକୁ ଯାଇ ଲୁହାର ଦର ବୁଝିବା ଓ ଲୁହା ଆସିବାପରେ ତାକୁ ରଖିବାପାଇଁ ସୁରକ୍ଷିତ ସ୍ଥାନ ନିର୍ମାଣ କରିବାରେ ତାଙ୍କର ସମସ୍ତ ସମୟ ଓ ପୁଞ୍ଜି ବିନିଯୋଗ କରିଚାଲିଥିଲେ ସେ। ତେବେ ଲୁହାର ସେହି ସାମୟିକ ଦରବୃଦ୍ଧି କେଇମାସ ପର୍ଯ୍ୟନ୍ତ ସ୍ଥିର ରହିବା ପରେ ଦିନେ ସ୍ୱାଭାବିକ ସ୍ତରକୁ ଫେରିଥିଲା ଓ ଯଥେଷ୍ଟ ଅର୍ଥ ବିନିଯୋଗ କରି ବ୍ୟବସାୟୀ କେଇ ଟନ୍ ଲୁହା କିଣି ସଦ୍ୟ ନିର୍ମିତ ସୁରକ୍ଷିତ ଗୋଦାମ ଗୃହକୁ ନେଇ ଆସିଲେ। ଏହାପରେ ସ୍ନାନାଦି କର୍ମ ସାରି ଶୁଦ୍ଧପୂତ ଚିତ୍ତରେ ସେ ବସିଲେ ଲୁହାକୁ ସୁନାରେ ପରିଣତ କରିବାର ମନ୍ତ୍ର ଆବୃତ୍ତି କରିବାକୁ। ମାତ୍ର ବିଡମ୍ବନାର ବିଷୟ- ମନ୍ତ୍ରଟି ସେ ପାଶୋରି ଯାଇଥିଲେ। ଦୀର୍ଘ ସମୟ ଉଦ୍ୟମ ସତ୍ତ୍ୱେ ମନ୍ତ୍ରଟି ମନେପକାଇବାରେ ବ୍ୟର୍ଥ ହୋଇଥିଲେ ସେ। ଏଣେ ସୁନା ନିଶାରେ ତାଙ୍କର ମୂଳ ବ୍ୟବସାୟ ପ୍ରାୟ ବନ୍ଦ ହୋଇଯାଇଥିଲା। ଭୀଷଣ ନିରାଶା ଭିତରେ ସେ ଧାଇଁଲେ ପୂର୍ବୋକ୍ତ ସନ୍ୟାସୀଙ୍କ ପାଖକୁ। ସେଦିନ ପୂର୍ଣ୍ଣମୀ ନଥିଲା। ଶିଷ୍ୟମାନଙ୍କ ବାଧାକୁ ପ୍ରତିହତ କରି ଉକ୍ତ

ଦ୍ୱିତୀୟ ବର୍ଷ
ଚତୁର୍ଥ ସଂଖ୍ୟା
Vol: 2 Issue: 4
May 2007

See the Improved and all new **Vista Look Website** of Aahwaan, and get one for yourself too. Call us Now.



Visit our website today for more feature rich presentations and informations. http://aahwaan.9999mb.com/

ବ୍ୟବସାୟୀ ସିଧା ସନ୍ୟାସୀଙ୍କ ପାଖରେ ପହଞ୍ଚିଲେ ଓ ତାଙ୍କ ପାଦକୁ ଧରି ପଡିଗଲେ। ସବୁକିଛି ବୁଝି ପାରୁଥିଲେ ସନ୍ୟାସୀ। ତେବେ ବ୍ୟବସାୟୀଙ୍କୁ ପଚାରିଥିଲେ ଏପରି ଅପ୍ରତ୍ୟାଶିତ ଆଗମନର କାରଣ। ବ୍ୟବସାୟୀ ନିଜର ଦୁର୍ଦ୍ଦଶା ବର୍ଣ୍ଣନ କରିବାପରେ ଯେ କୌଣସିମତେ ତାଙ୍କୁ ଆଉଥରେ ସେ ମନ୍ତ୍ରଟି ପ୍ରଦାନ କରିବାକୁ ବିନତି କଲେ। ମାତ୍ର ସନ୍ୟାସୀ ଏଥିରେ ନିଜର ଅସହାୟତା ପ୍ରକାଶ କରି କହିଥିଲେ ଯେ, କୌଣସି ମନ୍ତ୍ର ଦ୍ୱିବାର ପ୍ରଦାନ କ୍ଷମତା ତାଙ୍କର ନାହିଁ। ଶେଷ ଉଦ୍ୟମ ବ୍ୟର୍ଥ ହୋଇଥିଲା ବ୍ୟବସାୟୀଙ୍କର। ସେ ଫେରି ଆସୁଥିଲେ। ପଛରୁ ସନ୍ୟାସୀ ଡାକି କହିଲେ- ମୁଁ ତୁମର କୌଣସି ଉପକାର କରିପାରୁ ନାହିଁ। ତେବେ ମୁଁ ଜାଣିବାକୁ ଚାହୁଁଛି, ତୁମେ କାହିଁକି ଲୁହାକୁ ସୁନାରେ ପରିବର୍ତ୍ତନ କରିବାକୁ ଚାହୁଁଥିଲ। ଏହାର ଉତ୍ତରରେ ବ୍ୟବସାୟୀ କହିଥିଲେ- ଏହାଦ୍ୱାରା ମୁଁ ପ୍ରଚୁର ଧନ ଉପାର୍ଜନ କରିଥାନ୍ତି ଓ ସୁଖରେ ରହିଥାନ୍ତି। ସନ୍ୟାସୀ କହିଲେ- ଯଦି ବାସ୍ତବିକ ତୁମେ ସୁଖ ଚାହୁଁଥିଲ ତେବେ ମୋତେ ସିଧା ସଳଖ ସେୟା ମାଗିଲନି କାହିଁକି? ତୁମେ ତ ଜାଣିଛ ମୋ ପାଇଁ ସେଦିନ ଅଦେୟ କିଛି ନଥିଲା। ବ୍ୟବସାୟୀ ହତ୍‌ବାକ ହୋଇ ସନ୍ୟାସୀଙ୍କୁ ଚାହିଁଲେ।

ମଣିଷର ଜୀବନଯାତ୍ରା ଆଜି ଯାନ୍ତ୍ରିକ। ନିଦ ଭାଙ୍ଗିବା ପରଠାରୁ ଶଯ୍ୟାକୁ ଯିବା ପର୍ଯ୍ୟନ୍ତ ଯନ୍ତ୍ର ଭଳି ସେ ବିଭିନ୍ନ କାର୍ଯ୍ୟ କରିଚାଲିଛି। ତଥାକଥିତ ସୁଖପ୍ରାପ୍ତି ଆଶାରେ ସେ ଦିନରାତି ଏକାକାର କରି ଧାଇଁବାରେ ଲାଗିଛି। ଏହି ଧାଇଁବା ଭିତରେ ପୁଣି ରହିଛି ପରସ୍ପର ପ୍ରତି ଅବିଶ୍ୱାସ, ଈର୍ଷା ଓ ପରଶ୍ରୀକାତରତା। ଜଣଙ୍କର ତଣ୍ଟି ନକାଟିଲେ ଅନ୍ୟଜଣେ ଆଗକୁ ବଢିପାରିବ ନାହିଁ- ଏୟା ହେଉଛି ଆଧୁନିକ ମଣିଷର ମୂଳମନ୍ତ୍ର। ବିଜ୍ଞାନ ଓ କାରିଗରୀ କୌଶଳର ସହାୟତାରେ କିଛି ଯନ୍ତ୍ରକୁ କାମରେ ଲଗାଇ ପାରିଛି ଓ ଏହା ତାକୁ ସୁଖ ପ୍ରଦାନ କରୁଛି ବୋଲି ଦାବୀ କରୁଛି ସେ। ମାତ୍ର ବାସ୍ତବିକ୍ ସେ କେତେ ପରିମାଣରେ ସୁଖୀ ହୋଇପାରିଛି? ଯନ୍ତ୍ରପାତି ହୁଏତ ତାକୁ କେତେକ ସୁବିଧା ପ୍ରଦାନ କରିଦେଇ ପାରନ୍ତି, ମାତ୍ର ସେଗୁଡିକ ଦ୍ୱାରା ସୁଖ ସମ୍ଭବ କି?

ଐତିହ୍ୟ ଓ ପରଂପରାରେ ଗରୀୟାନ୍ ଆମ ଭାରତ ବର୍ଷ। ମର୍ଯ୍ୟାଦା ପୁରୁଷୋତ୍ତମ ଶ୍ରୀରାମଚନ୍ଦ୍ର ଓ ବିଶିଷ୍ଟ ରାଷ୍ଟ୍ରନୀତିଜ୍ଞ ଶ୍ରୀକୃଷ୍ଣଙ୍କ ଠାରୁ ଆରମ୍ଭକରି ଅହିଂସାର ପୂଜାରୀ ବୁଦ୍ଧ ଓ ଗାନ୍ଧୀଙ୍କର ଦେଶ ଏହି ଭାରତବର୍ଷ। ଆଧୁନିକ ବିଶ୍ୱରେ ଭାରତର ସ୍ଥିତିକୁ ମହନୀୟ କରିବାରେ ରହିଛି ସ୍ୱାମୀ ବିବେକାନନ୍ଦଙ୍କ ଭଳି ମହାପୁରୁଷ ଓ ପଣ୍ଡିତ ଜବାହାର୍‌ଲାଲଙ୍କ ପରି ରାଷ୍ଟ୍ରନାୟକଙ୍କ ଭୂମିକା। ଭାରତ ଆଜି ପ୍ରଗତି କରୁଛି- ଏହା ମଧ୍ୟ ଅନସ୍ୱୀକାର୍ଯ୍ୟ। ପଚାଶ ବର୍ଷ ତୁଳନାରେ ବିଚାର କଲେ ଦେଖିବା ଯେ, ଦେଶର ଆର୍ଥିକ ସ୍ଥିତି ଯଥେଷ୍ଟ ସୁଦୃଢ। ଆମ ଦେଶରୁ ଛାତ୍ରମାନେ ଯାଇ ବିଦେଶରେ ନାମ କମାଉଛନ୍ତି ଓ ଦେଶକୁ ବୈଦେଶିକ ମୁଦ୍ରା ଆଣୁଛନ୍ତି। ଗାଁ ଗାଁକୁ ବିଜୁଳି ସଂଯୋଗ, ରାସ୍ତାଘାଟର ସୁବିଧା। ଯେଉଁ ଗାଁରେ ତିରିଶି ବର୍ଷତଳେ ହାତଗଣତି ସାଇକେଲ୍ ଥିଲା ଆଜି ସେହି ଗାଁରେ ଆଖିଦୃଶିଆ ସଂଖ୍ୟାରେ ମୋଟର ସାଇକେଲ୍। ଗାଁ ଗାଁରେ ସ୍କୁଲ୍। ବ୍ଲକ୍ ମାନଙ୍କରେ କଲେଜ। ସାକ୍ଷରତା ହାର ବଢିଛି। ପ୍ରବାସରୁ ଆସିଥିବା ଚିଠି ପଢାଇବାକୁ ଅବଗୁଣ୍ଠନବତୀ ବୋହୁଟିକୁ ଆଜି ଯିବାକୁ ପଡୁନାହିଁ କେଇ କୋଶ ଦୂରରେ ଥିବା ସ୍କୁଲ୍‌ର ଶିକ୍ଷକଙ୍କ ପାଖକୁ। ତେବେ ପୁଣି ସେହି ମୂଳ ପ୍ରଶ୍ନ- ଏତେ ସବୁ ସତ୍ତ୍ୱେ ଆମେ କ'ଣ ସୁଖୀ ହୋଇପାରିଛୁ। କେହି ଜଣେ ହେଲେ ଏହି ପ୍ରଶ୍ନର ଅସ୍ତିବାଚକ ଉତ୍ତର ଦେଇପାରିବେ କି? ବୋଧହୁଏ ନା!

କାରଣ, ଏତେ ପ୍ରଗତି ଭିତରେ, ଅଣନିଃଶ୍ୱାସୀ ହୋଇ ଧାଇଁବା ଭିତରେ ମଣିଷ ତା'ର ମୂଳ ଲକ୍ଷ୍ୟ ପାଶୋରି ପକାଇଛି। ସୁଖବୋଲି ଯାହା ପ୍ରାପ୍ତି ନିମନ୍ତେ ସେ ଦୌଡୁଛି ତାହା ପ୍ରକୃତ ଅର୍ଥରେ ସୁଖ ନୁହେଁ। ଗଳ୍ପର ସେହି ବ୍ୟବସାୟୀଭଳି ସେ ଲୁହାକୁ ସୁନାରେ ପରିଣତ କରି ସୁଖ ଖୋଜିବା ପନ୍ଥାକୁ ଆପଣେଇ ନେଇଛି ମାତ୍ର ନିରୋଳା ସୁଖ ଚାହୁଁନାହିଁ। ଏତେ ସବୁ ପାଇବା ଭିତରେ ଆଜିର ମଣିଷ ହରାଇଛି ମଧ୍ୟ ବହୁତ। ହୁଏତ ତାହା ଥିଲା ଅବଶ୍ୟମ୍ଭାବୀ, ମାତ୍ର ଅପୂରଣୀୟ ତାହାର ମୂଲ୍ୟ। ଯୌଥପରିବାରର

ଉଦାହରଣ ନିଆଯାଇପାରେ। ପରିବାରର ସଂଜ୍ଞା ଆଜି ବଦଳି ଯାଇଛି। କେଇବର୍ଷ ତଳେ ସାମାଜିକ ପାଠ୍ୟ ପୁସ୍ତକରେ ପରିବାରର ସଂଜ୍ଞା ଥିଲା-

ଯେଉଁଠାରେ ବାପା, ମା, ଭାଇ, ଭଉଣୀ, ଦାଦା, ଖୁଡି, ଜେଜେବାପା, ଜେଜେମା ଆଦି ରହନ୍ତି ତାହା ହେଲା ପରିବାର। ଆଜି ଇଂରାଜୀ ମାଧ୍ୟମ ସ୍କୁଲ୍‌ରେ ପଠିତ ପ୍ରଥମ ଶ୍ରେଣୀର ସାମାଜିକ ବହିରେ ପରିବାରର ସଂଜ୍ଞା ଏହିଭଳି; family means parents and their children living in one house. ପିଲାମାନଙ୍କୁ ବୁଝିବାରେ ଅସୁବିଧା ହୋଇପାରେ, ଏଣୁ ନିର୍ଦ୍ଦେଶ ଦିଆଯାଇଛି- Look at the picture-ପାଖରେ ଥିବା ଛବିରେ ବାପା, ମା, ଗୋଟିଏ ପୁଅ ଓ ଗୋଟିଏ ଝିଅର ଚିତ୍ର। ସେହି ପ୍ରଥମ ଶ୍ରେଣୀର ପିଲାଟି ଘରେ ପହଁଚିବା ବେଳେ ତାକୁ ତାଲାବନ୍ଦ କବାଟ ସ୍ୱାଗତ କରେ। କାରଣ କାର୍ଯ୍ୟୋପଲକ୍ଷେ ଉଭୟ ବାପା ମା ଘର ବାହାରେ। ପଡିଶା ଘରୁ ଚାବିମାଗି, ଘର ଖୋଲି ଫ୍ରିଜ୍‌ରୁ ଥଣ୍ଡା ଖାଦ୍ୟ ଆଣିଖାଏ ଓ ରିମୋଟ୍ କଣ୍ଟ୍ରୋଲ୍ ଧରି ଟେଲିଭିଜନ୍ ସେଟ୍‌ରେ ମନୋନିବେଶ କରେ। କେଇ ମାଇଲ୍ ଦୂରରେ ଥିବା ଗାଁରେ ହୁଏତ ସେହି ପିଲାର ଜେଜେବାପା, ଜେଜେମା ମଧ୍ୟ ନିଃସଙ୍ଗ ଜୀବନ ବିତାଉଥିବେ। ସେମାନଙ୍କ ମଧ୍ୟ ଇଚ୍ଛା ହେଉଥିବ ପୁଅବୋହୂଙ୍କ ପାଖରେ ଥିଲେ ଭଲ ଲାଗନ୍ତା। ନାତିନାତୁଣୀଙ୍କ ସହ ସମୟ କଟନ୍ତା। ପରୀରାଇଜର କଥା ଶୁଣାନ୍ତେ ସେମାନଙ୍କୁ। ମାତ୍ର ଆଜିର ସଂଜ୍ଞା ଅନୁଯାୟୀ ସେମାନେ ଯେ ପରିବାରର ସଦସ୍ୟ ନୁହନ୍ତି। ଆଉ ପୁଅବୋହୂମାନେ ଆୟା ବା ରିକ୍ସାବାଲା ଉପରେ ଅଧିକ ନିର୍ଭରଶୀଳ, ବାପା, ମା ଙ୍କ ଅପେକ୍ଷା। ପିତା ଧର୍ମ ପିତା ସ୍ୱର୍ଗ ବା ଜନନୀ ଜନ୍ମଭୂମିଶ୍ଚ ଭଳି ବାକ୍ୟ ମୂଲ୍ୟହୀନ ଆଜି।

ହରାଇବାର ତାଲିକା କହିଚାଲିଲେ ସରିବନାହିଁ। ଆମେ ହରାଇଛୁ ଆମ ସଂସ୍କୃତି, ପରଂପରା ଓ ଐତିହ୍ୟ। ପିଲା ଜନ୍ମ ଦିନରେ ମନ୍ଦିରକୁ ଯାଇ ପ୍ରସାଦ ଚଡାଇବା ଆଜି ଆମ ସଂସ୍କୃତି ପଦବାଚ୍ୟ ନୁହେଁ। ବରଂ କେକ୍ କାଟି ବେଲୁନ୍ ଟଙ୍ଗାଇ ପାଳନ କରାଯାଏ ଏଠି ବାର୍ଥ ଡେ। ଭାରତୀୟ ଜୀବନଦର୍ଶନ, ଭାରତୀୟଙ୍କ ଆଧ୍ୟାତ୍ମିକ ଦିଗରେ ପ୍ରତିଷ୍ଠା, ଭାରତୀୟଙ୍କ ବୈବାହିକ ଜୀବନ ପ୍ରତି ଯେତେବେଳେ ପାଶ୍ଚାତ୍ୟ ଦେଶବାସୀ ଆଗ୍ରହ ପ୍ରକାଶ କଲେ ବା ସେଗୁଡିକୁ ଆପଣେଇବା ଆରମ୍ଭ କଲେ, ଭାରତୀୟ ମାନେ ସେତେବେଳକୁ ପାଶ୍ଚାତ୍ୟ ସଂସ୍କୃତିରେ ମସଗୁଲ୍।

ନାହିଁ। ସୁଖପ୍ରାପ୍ତିର ଆଶା ନାହିଁ। ଆଧ୍ୟାତ୍ମିକତା ପ୍ରତି ଆଗ୍ରହ ନାହିଁ। ଭଗବାନଙ୍କର ପୂଜା ହେଉଛି ମାତ୍ର ତାହା ମଧ୍ୟ ଯାନ୍ତ୍ରିକ ପଦ୍ଧତିରେ। ବିଶ୍ୱାସ ନାହିଁ, କେବଳ ଗତାନୁଗତିକ ଧାରାରେ ଚାଲିଛି ତ ଚାଲିଛି। ଗାଧୋଇ ପାଧୋଇ ପାଟବସ୍ତ୍ର ପରିଧାନ କରି ଗୀତାପାଠ ହେଉଛି। ଚନ୍ଦନଚର୍ଚ୍ଚିତ ହୋଇ ବାହାରି ଯାଉଛନ୍ତି ଯେ ଯାହା କର୍ମସ୍ଥଳକୁ। ମାତ୍ର ସେଠାରେ ପହଞ୍ଚିବାପରେ ଗୀତାଜ୍ଞାନ ମନେ ରହୁନାହିଁ। ବ୍ୟବସାୟୀଟିଏ ଚିନ୍ତା କରୁଛି, ଯେ କୌଣସି ଉପାୟରେ ହେଉ ଲାଭବାନ ହେବି। ସେଥିପାଇଁ ଅପମିଶ୍ରଣ କରିବାକୁ ପଛୁ ବା ଓଜନରେ ଠକିବା ହେଉ, ସେଥିପ୍ରତି ତା'ର ନିନ୍ଦା ନାହିଁ ବା ପାପକୁ ଡର ନାହିଁ। ପ୍ରଶାସନିକ ଅଧିକାରୀଟିଏ ମଧ୍ୟ ଅନୁରୂପ ଚିନ୍ତାଧାରାର ବଶବର୍ତ୍ତୀ। ରାଜନେତା, ମନ୍ତ୍ରୀ, ଲୋକପ୍ରତିନିଧିଠାରୁ ଆରମ୍ଭ କରି ତଳସ୍ତରର କର୍ମଚାରୀ ପର୍ଯ୍ୟନ୍ତ ଯେ କୌଣସି ଉପାୟରେ ଅର୍ଥ ଉପାର୍ଜନକୁ ମୁଖ୍ୟ ଲକ୍ଷ୍ୟ ଭାବରେ ଗ୍ରହଣ କରିନିଅନ୍ତି। ଲୁହାକୁ ସୁନାରେ ପରିଣତ କରି ସୁଖ ଅର୍ଜନ କରିବାକୁ ଚାହୁଁଥିବା ଉକ୍ତ ବ୍ୟବସାୟୀଙ୍କ ଭଳି ସେମାନଙ୍କର ଚିନ୍ତାଧାରା। କେବଳ ନିଜ ସ୍ୱାର୍ଥପ୍ରତି ଆଜିର ମଣିଷ ଦୃଷ୍ଟି ଦେଉଥିଲେ ମଧ୍ୟ କେତେକାଂଶରେ ଚଳନ୍ତା। ମାତ୍ର ନିଜର ଉନ୍ନତି ସହିତ ଅନ୍ୟର ଅବନତି ମଧ୍ୟ ସେମାନଙ୍କର କାମ୍ୟ, ଏଥିପାଇଁ ପ୍ରଚେଷ୍ଟା ଜାରି ରଖନ୍ତି ସେମାନେ। ଉଚ୍ଚପଦସ୍ଥ ଅଧିକାରୀଙ୍କ ଆଗରେ ଅଧସ୍ତନ କର୍ମଚାରୀଟିଏ ସଦୃଶ୍ୟ ପୋଷାକଟିଏ ପିନ୍ଧିପାରିବ ନାହିଁ। ହୁଏତ ଅଧିକାରୀ ଜଣଙ୍କ ତାହାର ପୋଷାକ ଉପରେ ମନ୍ତବ୍ୟ ଦେଇନ ପାରନ୍ତି। ମାତ୍ର ସେହିଦିନ ତଦ୍ୱାରା କେତୋଟି ଅକ୍ଷମଣୀୟ ଅପରାଧ ହୋଇପାରେ ଓ ସେଥିପାଇଁ ତାକୁ ଭର୍ତ୍ସିତ ହେବାକୁ ପଡିପାରେ। କାରଣ ସେହି ପୋଷାକ। ସେହିଭଳି ଜଣେ ଅଧସ୍ତନ କର୍ମଚାରୀର

ପିଲାମାନଙ୍କର ଭଲ ସ୍କୁଲ୍‌ରେ ପଢିବାର ଅଧିକାର ନାହିଁ ବା ସାମର୍ଥ୍ୟ ଥିଲେ ମଧ୍ୟ ଭଲ ହୋଟେଲ୍‌ରେ ଖାଇପାରିବେ ନାହିଁ। ଏହା କଲେ ଅଧିକାରୀଙ୍କ ରୋଷର ଶିକାର ହେବାକୁ ପଡିବ। ଯଥେଷ୍ଟ କାମ କରିମଧ୍ୟ ଉପରିସ୍ଥ ଅଧିକାରୀଙ୍କ ଶ୍ରଦ୍ଧାଭାଜନ ହୋଇପାରେ ନାହିଁ ସେ।

ମନେ ପଡୁଛି ଲିଓ ଟଲ୍‌ଷ୍ଟୟଙ୍କର ସେହି କାଳଜୟୀ ଗଳ୍ପ। ଆଜିର ଉଚ୍ଚାଭିଳାଷୀ ମଣିଷର ସଦୃଶ୍ୟ ବହନ କରୁଥିବା ଗଳ୍ପର ଲୋଭୀ ଚରିତ୍ରଟି, ଯେ କେବଳ ଚାହୁଁଥିଲା ଅଧିକରୁ ଅଧିକ ଜମିର ମାଲିକ ହେବାକୁ। ଆଉ ଯେତେବେଳେ ତାକୁ କୁହାଗଲା ଯେ, ଗୋଟିଏ ଦିନ ସୂର୍ଯ୍ୟୋଦୟଠାରୁ ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ସେ ପାଦରେ ଚାଲିଚାଲି ଯାଇ ଯେତେକ ଜମି ଅତିକ୍ରମ କରିଯିବ ସେ ସବୁ ତା'ର ହୋଇଯିବ।- ସେ ଅଣନିଃଶ୍ୱାସୀ ହୋଇ ଦୌଡିବାକୁ ଆରମ୍ଭ କଲା। ସୂର୍ଯ୍ୟୋଦୟଠାରୁ ଆରମ୍ଭକରି ସୂର୍ଯ୍ୟାସ୍ତ ପର୍ଯ୍ୟନ୍ତ ସେ କେବଳ ଦୌଡିବାରେ ଲାଗିଲା ଓ ମନରେ ଭାବିବାକୁ ଲାଗିଲା ଆଜି ସେ ଆଶାତୀତ ସଂପତ୍ତିର ମାଲିକ ହୋଇଗଲା ବୋଲି। ମାତ୍ର ଶେଷରେ ହେଲା କ'ଣ? ଅଣନିଃଶ୍ୱାସୀ ଲୋଭୀ ଲୋକଟିର ହୃଦ୍‌ଯନ୍ତ୍ର କ୍ରିୟା ବନ୍ଦ ହୋଇଗଲା ଓ ପ୍ରାଣବାୟୁ ଉଡିଗଲା। ଶେଷ ସମୟରେ ତା'ର ଶରୀର ଅଧିକାର କରିଥିଲା ମାତ୍ର ୨ ଗଜ ଜମି। ଲେଖକ କହିବାକୁ ଚାହିଁଛନ୍ତି- ମଣିଷର ଶେଷ ଲକ୍ଷ୍ୟ ମାତ୍ର ୨ ଗଜ ଜମି ହୋଇଥିବା ବେଳେ କାହିଁକି ସେ ଜୀବନସାର ଦୌଡିଥାଏ ଅଣନିଃଶ୍ୱାସୀ ହୋଇ ସଂପତ୍ତି ଏକତ୍ରିତ କରିବାକୁ???

## ପରିଚର୍ଚ୍ଚା

### ଶ୍ରୀ ଜଗନ୍ନାଥ ବନାମ ପଣ୍ଡାନାଥ

ଫେବୃୟାରୀ ପହିଲା ଦିନ ପୁରୀ ଶ୍ରୀ ମନ୍ଦିର ଇତିହାସରେ ଏକ ଲଜ୍ଜାଜନକ ଅଧ୍ୟାୟ ଯୋଡାଗଲା। ମହାପ୍ରଭୁଙ୍କ ଅମୂଲ୍ୟ ମହାପ୍ରସାଦ ମାରା ହୋଇଗଲା ବୋଲି ଫୋପାଡି ଦିଆଗଲା। ଭୋଗ ହୋଇପାରିଥିଲେ ଯେଉଁ ମହାପ୍ରସାଦରୁ କଣିଚାଏ ପାଇ ଭକ୍ତର ଜୀବନ ଧନ୍ୟ ହୋଇଥାନ୍ତା, ତାହା ଗଲା ଆବର୍ଜନା କୁଣ୍ଡକୁ। ନିଜକୁ ପରମଭକ୍ତ ବୋଲାଉଥିବା ପଣ୍ଡାମାନେ ୩ ପେଟ ଖାଇ ୨ ଦିନ ସ୍ୱୟଂ ଜଗନ୍ନାଥଙ୍କୁ ଓ ଭୋଗ ଆଶାୟୀ ଭକ୍ତମାନଙ୍କୁ ଉପାସରେ ରଖି ଯେଉଁ କାଣ୍ଡ ସବୁ ଭିଆଇଲେ ସେଥିପାଇଁ ସେମାନଙ୍କୁ ଅଧିକାର ଦେଲା କିଏ? ଯେଉଁ ରାଜ୍ୟରେ ପେଟର ଭୋକ ମାରିବାପାଇଁ ମା'ଟିଏ ଶିଶୁପୁତ୍ର କିମ୍ବା କନ୍ୟାଟିଏକୁ ବିକ୍ରିକରି ଦେଇ ପାରୁଛି, ଯେଉଁଠି ଭୋକ ଉପାସରେ ପଡିସଡି ଲୋକ ମରୁଛନ୍ତି ସେହି ରାଜ୍ୟରେ ପତିତପାବନ ବାନା ଉଡାଉଥିବା ଠାକୁରଙ୍କ ଷାଠିଏ ପଉଟି ଭୋଗ ମାଟିରେ ମିଶାଇ ଦିଆଗଲା। ଅନାହାର ମୃତ୍ୟୁ ବା ଶିଶୁବିକ୍ରି ଘଟଣାକୁ ସାଧାରଣରେ ତିଳକୁ ତାଳ କରି ଯେପରି ପ୍ରଚାର କରାଯାଏ, କାହିଁ ଶ୍ରୀ ମନ୍ଦିରର ଏତେବଡ ଘଟଣାକୁ ନେଇ ସେଭଳି କିଛି ହେଲା ନାହିଁତ? ଅଳ୍ପଦିନ ତଳେ ଥାଇଲାଣ୍ଡ୍ ରାଜକୁମାରୀ ରାଷ୍ଟ୍ରୀୟ ଅତିଥି ରୂପେ ଆମନ୍ତ୍ରିତା ହୋଇ ଆସିଥିଲେ। ସେ ଚାହିଁଥିଲେ ଶ୍ରୀ ଜଗନ୍ନାଥଙ୍କ ଦର୍ଶନ କରିବାକୁ, ମାତ୍ର ତାଙ୍କୁ ମନ୍ଦିର ବାହାରୁ ଫେରାଇ ଦିଆଗଲା। ସେ ରାଷ୍ଟ୍ରୀୟ ଅତିଥି ଥିଲେ, କିଛି ଆତଙ୍କବାଦୀ ତ ନଥିଲେ? ତାଙ୍କୁ ଦର୍ଶନରୁ ବଞ୍ଚିତ କରି ଆମେ କି ଗୌରବ ପାଇଲେ? ଆମେ ହିନ୍ଦୁମାନେ ଯଦି ଗୀର୍ଜା ବା ମସ୍‌ଜିଦ୍‌କୁ ଇଚ୍ଛା ପ୍ରକାଶ କରୁଛୁ ସେଥିପାଇଁ କେହି ବାଧା ଦେଉ ନାହାନ୍ତି। ସେ କ୍ଷେତ୍ରରେ ଆମେ କାହିଁକି ଅନ୍ୟ ଧର୍ମାବଲମ୍ବୀଙ୍କୁ ନିଜର କରି ନପାରିବା! ସ୍ୱାମୀ ବିବେକାନନ୍ଦଙ୍କ ତେଜୋଦୀପ୍ତ ଭାଷଣ ଏକ ସମୟରେ ସନାତନ ଧର୍ମକୁ ବିଶ୍ୱସ୍ତରରେ ପ୍ରଚାରିତ ଓ ପ୍ରସାରିତ କରିଥିଲା। ତାର ମୂଳମନ୍ତ୍ର କେବେବି ଏତେ ସଂକୀର୍ଣ୍ଣ ନଥିଲା। ସନାତନ ଧର୍ମରେ କଦାପି ଅନ୍ୟ ଧର୍ମପ୍ରତି ଅନାଦରର ସ୍ଥାନ ନଥିଲା। ଆମ ଭାରତୀୟ ଯୁବପିଢି ନିଷ୍ଠା ଓ ଅଧ୍ୟବସାୟ ପାଇଁ ପୃଥିବୀରେ ଆଦୃତ। ବିଶ୍ୱର ପ୍ରତ୍ୟେକ ଦେଶରେ ରହିଛନ୍ତି ଭାରତୀୟ ବା ହିନ୍ଦୁ। ତେଣୁ ଆମେ ଚାହିଁବା ଆମ ସନ୍ତାନମାନେ ବିଦେଶରେ ମର୍ଯ୍ୟାଦାର ସହ ବସବାସ କରନ୍ତୁ। ଶ୍ରୀ ଜଗନ୍ନାଥଙ୍କ ଦର୍ଶନର ଅଭିଳାଷ ଧରି ଆସିଥିବା ପ୍ରତ୍ୟେକ ଶ୍ରଦ୍ଧାଳୁଙ୍କ ପାଇଁ ରହୁ ସ୍ନେହ ଓ ସଦିଚ୍ଛା। ଜଗନ୍ନାଥଙ୍କୁ ସଂପୂର୍ଣ୍ଣ ଜଗନ୍ନାଥ ରୂପରେ ନନେଲେ ଅଯଥାରେ

Nyasa Nabodita Presents

ଆହ୍ୱାନ

ଦ୍ୱିତୀୟ ବର୍ଷ
ଚତୁର୍ଥ ସଂଖ୍ୟା
Vol: 2 Issue: 4
May 2007

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

See the Improved and all new **Vista Look Website** of Aahwaan, and get one for yourself too. Call us Now.

Visit our website today for more feature rich presentations and informations. http://aahwaan.9999mb.com/

ପଣ୍ଡାନାଥର କଳଙ୍କ ବୋହିବାକୁ ପଡିବ । କିଛିଦିନ ପରେ ଜଣେ ୟୁରୋପୀୟ୍ ମହିଳା ଜଗନ୍ନାଥଙ୍କ ପ୍ରେମରେ ବିଭୋର ହୋଇ ଚାହିଁଥିଲେ କି ତାଙ୍କ ଅନ୍ତିମକାଳ ଉପଗତ ହେଲେ ଶରଧାବାଲିରେ ଦଗ୍ଧ ହେବେ । ଅଥଚ ଆମେ ଶ୍ରୀ ଜଗନ୍ନାଥଙ୍କ ଭକ୍ତ ବୋଲାଉଥିବା ଲୋକମାନେ ସଂକୀର୍ଣ୍ଣ ମାନସିକତା ପ୍ରକଟ କରି କି କୁତ୍ସିତ ଉଦାହରଣ ସୃଷ୍ଟି କଲୁ ।

ଏଠାରେ ଲେଖିକାର ଏକ ଅନୁଭୂତି ବିଚାରଯୋଗ୍ୟ । ୨ବର୍ଷତଳେ ସପରିବାର ଦ୍ୱାରକାଧୀଶଙ୍କ ଦର୍ଶନ ନିମନ୍ତେ ଅପେକ୍ଷାରତ ଜଣେ ଗୁଜୁରାଟୀ ମହିଳାଙ୍କୁ ପରିଚୟ୍ ଦେଇ ଯେତେବେଳେ 'ଜଗନ୍ନାଥ ଧାମରୁ ଆସିଛୁ' ବୋଲି ଜଣାଇଦେଲୁ ଭଦ୍ର ମହିଳା କାନ୍ଦିପକାଇ ନିଜର ଅଙ୍ଗେନିଭା ଘଟଣା କହିଚାଲିଲେ । ତାଙ୍କର ବକ୍ତବ୍ୟ ଥିଲା, 'ମୁଁ ଚାରିଧାମ ବୁଲି ଆସିଲି, କିନ୍ତୁ ପୁରୀ ଶ୍ରୀମନ୍ଦିରରେ ପଣ୍ଡାମାନେ ଶ୍ରୀ ମନ୍ଦିରରେ ଯେମିତି ଅପମାନିତ କରିଛନ୍ତି ତାହା ମୁଁ ଜୀବନରେ ଭୁଲି ପାରିବନାହିଁ । ରୋହିଣୀ ପାଦୁକା ନିକଟରେ ଜଳ ସିଂଚନ କରାଇ କେତେକ ପଣ୍ଡା ଭଦ୍ର ମହିଳାଙ୍କୁ ଟଙ୍କା ମାଗିଥିଲେ । କିନ୍ତୁ ଖୁଚୁରା ନଥିବା ଦର୍ଶାଇ ସେ ଦେଇ ପାରିଲେ ନାହିଁ । ଜବରଦସ୍ତ ମହିଳାଙ୍କ ପର୍ସ ଛଡାଇ ନିଆଗଲା ଓ ଠେଲି ଦିଆଗଲା । ବହୁ କାକୁତିମିନତି ପରେ ସୁଦ୍ଧା ପଣ୍ଡାମାନେ ମହିଳାଙ୍କ ପର୍ସ ଫେରାଇଲେ ନାହିଁ । ଶେଷରେ ଅସହାୟ୍ ମହିଳା ମନ୍ଦିର ବାହାରକୁ ଆସି ଯାତ୍ରୀଙ୍କ ଠାରୁ ଟଙ୍କା ମାଗି ବାଟ ଖର୍ଚ୍ଚ କରି ଗୁଜୁରାତ ଫେରିଥିଲେ । ଏହା ଶୁଣି ଲେଖିକା ମୁଣ୍ଡ ଟେକି ଚାହିଁପାରିଲେ ନାହିଁ । ଏହା ସବୁ ଓଡିଆଙ୍କ ପାଇଁ ଅପମାନ ନୁହେଁ କି? ଜଣେ ବିଶ୍ୱସ୍ତରୀୟ୍ ଖ୍ୟାତି ସଂପର୍ଣ୍ଣ ବ୍ୟାକ୍ତି ସ୍ତ୍ରୀ ଓ କନ୍ୟାଙ୍କୁ ଧରି ଶ୍ରୀ ଜଗନ୍ନାଥଙ୍କ ଦର୍ଶନ ପାଇଁ ଆସିଥିଲେ । କିନ୍ତୁ କୃତ୍ରିମ ଗହଳି ସୃଷ୍ଟିକରି ପଣ୍ଡାମାନେ ଯେଉଁ ଅବସ୍ଥା କଲେ ଭଦ୍ରଲୋକ ଖୋଲିକରି କହିଲେ ଯେ ଜୀବନ ଥିବାଯାଏଁ ସ୍ତ୍ରୀ ଓ କନ୍ୟାଙ୍କୁ ଧରି ଶ୍ରୀ ମନ୍ଦିର ଆସିବେ ନାହିଁ । ମହିଳା ସଶକ୍ତିକରଣ ନାମରେ ନାନା କଥା କୁହାଯାଉଥିବା ବେଳେ ଏହାଠାରୁ ବଳି ଅପମାନଜନକ କଥା କଣ ଅଛି କି? ପଣ୍ଡାମାନଙ୍କ କଥିତ ବ୍ୟବହାରରେ ବହୁ ଲୋକ ଅତିଷ୍ଠ । ସେମାନେ ଭାବନ୍ତି ଯେପରି ଶ୍ରଦ୍ଧାଳୁ ଦର୍ଶକ ଓ ଶ୍ରୀ ଜଗନ୍ନାଥଙ୍କୁ ଯେଉଳି ଚାହିଁବେ ନଚାଇ ପାରିବେ । ଦୁଷ୍କର୍ମର ଗୋଟିଏ ସୀମା ଥାଏ । ତାହା ଅତିକ୍ରାନ୍ତ ହୋଇଗଲେ ସ୍ୱୟଂ ଜଗନ୍ନାଥ ଅବଶ୍ୟ ହସ୍ତକ୍ଷେପ କରିବେ ।

ରତ୍ନମାଳା ମିଶ୍ର

# ବ୍ରହ୍ମପୁରର ଠାକୁରାଣୀ ଯାତ୍ରା

ବ୍ରହ୍ମପୁରର ଠାକୁରାଣୀ ଯାତ୍ରା ଅତି ପୁରାତନ । ଦ୍ୱିବାର୍ଷିକ ଏହି ଯାତ୍ରା ଆରମ୍ଭ ସହ ହୋଇଯାଏ ବହୁ ପସରା ଓ ମେଳାର ଭିଡ । ବଡବଜାର ଓ ଦେଶୀ ବେହେରା ସାହି ହୋଇଯାଏ ଉତ୍ସବ ମୁଖର । ଠାକୁରାଣୀ ଯାତ୍ରାର କିମ୍ବଦନ୍ତୀ ଓ ପରଂପରା ନେଇ ଜାନକୀକାନ୍ତ ପଟ୍ଟନାୟକଙ୍କ ଆଲେଖ୍ୟ ।

ବ୍ରହ୍ମପୁରର ପ୍ରସିଦ୍ଧ ମା' ବୁଡି ସାଆନ୍ତାଣୀ ଠାକୁରାଣୀଙ୍କ ଦ୍ୱିବାର୍ଷିକ ଯାତ୍ରା ଏବେ ଚାଲିଛି । ଏପ୍ରିଲ୍ ୭ ତାରିଖରୁ ବୁଡି ସାଆନ୍ତାଣୀ ମା' ନିଜ ବାପ ଘରକୁ ବୁଲିଆସିବା ଦିନଠାରୁ ଏହି ଯାତ୍ରା ଆରମ୍ଭ ହୋଇଛି । ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ଏହି ଯାତ୍ରା ଚାଲିବ । ଠାକୁରାଣୀ ଯାତ୍ରା ଅବସରରେ ବ୍ରହ୍ମପୁରର ବଡବଜାର, ସାନବଜାର, ଦେଶୀବେହେରା ସାହି ଗତ ୭ ତାରିଖଠାରୁ ଚଳଚଞ୍ଚଳ ହୋଇଉଠିଛି । ବ୍ରହ୍ମପୁର ଲୋକଙ୍କ ପାଇଁ ପ୍ରତି ଦୁଇ ବର୍ଷରେ ଥରେ ଏହି ଠାକୁରାଣୀଯାତ୍ରା ଲୋକଙ୍କ ପାଇଁ ବହୁ ପୁରାତନ କିମ୍ବଦନ୍ତୀକୁ ମନେ ପକାଇ ଦେଇଥାଏ ।

ଠାକୁରାଣୀ ଯାତ୍ରା: କ'ଣ ଓ କିପରି?

ବ୍ରହ୍ମପୁରର ଏହି ଠାକୁରାଣୀ ଯାତ୍ରା ଦୁଇବର୍ଷରେ ଥରେ ହୋଇଥାଏ । ମା'ଙ୍କ ଏହି ଯାତ୍ରାପାଇଁ ପ୍ରଥମେ ଶୁଭଖୁଣ୍ଟି ଅଣାଯାଇ ଥାଏ । ପାରଂପାରିକ ସିଦ୍ଧାନ୍ତି (ପୁରୋହିତ) ଏହି ଶୁଭଖୁଣ୍ଟି ଆଣିବା ପାଇଁ ଶୁଭମୁହୂର୍ତ୍ତ ବାହାର କରିଥାନ୍ତି । ସେହିଦିନ ଶୁଭମୁହୂର୍ତ୍ତ ଅନୁସାରେ ମା'ଙ୍କ ଶୁଭଖୁଣ୍ଟି ଆସିଥାଏ । ଶୁଭଖୁଣ୍ଟି ସ୍ଥାପନ ହେବା ଦିନ ହିଁ ଠାକୁରାଣୀ ଯାତ୍ରାର ଦିନ

See the Improved and all new **Vista Look Website** of Aahwaan, and get one for yourself too. Call us Now.



ସ୍ଥିର କରାଯାଇ ଥାଏ। ମା'ଙ୍କୁ କେଉଁଦିନ ବାପା ଘରକୁ ଅଣାଯିବ ସେହି ସିଦ୍ଧାନ୍ତି ହିଁ ସ୍ଥିର କରିଥାନ୍ତି। ମା'ଙ୍କୁ ଯେଉଁଦିନ ମନ୍ଦିରରୁ ବାପଘର (ଦେଶୀ ବେହେରା) ଅଣାଯାଏ, ସେହି ଦିନଠାରୁ ଏହି ଯାତ୍ରା ଆରମ୍ଭ ହୋଇଥାଏ। ମା'ଙ୍କୁ ବାପଘରକୁ ଆଣିବାପାଇଁ ପିତ୍ରାଳୟ ତଥା ଦେଶୀ ବେହେରା ନିଜ ପତ୍ନୀଙ୍କ ସହ ଆନୁଷ୍ଠାନିକ ଭାବେ ମନ୍ଦିରକୁ ଯାଇ ମା'ଙ୍କୁ ଡାକି ଥାଆନ୍ତି। ରାତ୍ରିରେ ମା'ଙ୍କୁ ଆଣିବା ପାଇଁ ପଟୁଆରରେ ଦେଶୀ ବେହେରା ମନ୍ଦିରକୁ ଯାଇଥାନ୍ତି। ମା'ଙ୍କୁ ମନ୍ଦିରରେ ଡାକିବା ଅବସରରେ ପୂଜା କରାଯିବା ସମୟରେ ମା'ଙ୍କ ମୁଣ୍ଡରୁ ଏକ ଫୁଲମାଳ ଦେଶୀ ବେହେରାଙ୍କ ଚାଙ୍ଗୁଡିକୁ ଖସିଆସିଥାଏ। ଏହି ଫୁଲ ଖସିବା ହିଁ ମା'ଙ୍କ ସମ୍ମତି। ଏହା ହିଁ ମା'ଙ୍କ ପିତା ଘରକୁ ଯିବାର ଅନୁମତି ବୋଲି କିମ୍ବଦନ୍ତୀ ରହିଛି। ସେହିଠାରୁ ମା'ଙ୍କୁ ଶୋଭାଯାତ୍ରାରେ ନିଆଯାଇ ଦେଶୀବେହେରା ସାହିରେ ରଖାଯାଇଥାଏ। ଯେତେ ଦିନ ପର୍ଯ୍ୟନ୍ତ ମା' ନିଜ ବାପଘରେ ରହିଥାନ୍ତି ସେ ବିଭିନ୍ନ ସାହି ବୁଲିଥାଆନ୍ତି। ଏହା ହିଁ ଠାକୁରାଣୀ ଯାତ୍ରା। ମା' ଦେଶୀବେହେରା ସାହିରେ ପହଞ୍ଚିବା ସହିତ ବିଭିନ୍ନ ସାହିରେ ବହୁ ରଥ ଓ କଳାକୁଞ୍ଜ ବାହାରିଥାଏ।

### କିମ୍ବଦନ୍ତୀ ଓ ମହୁରୀ ରାଜା

ବ୍ରହ୍ମପୁର ଠାକୁରାଣୀ ଯାତ୍ରାର କିମ୍ବଦନ୍ତୀ ସଂପର୍କରେ ବିଶେଷ କିଛି ଇତିହାସ ନଥିଲେ ମଧ୍ୟ ଏହା ବହୁ ପୁରାତନ ବୋଲି କିମ୍ବଦନ୍ତୀ ରହିଛି। ଏହି ଯାତ୍ରା ୧୭୮୨ ମସିହାରେ ପ୍ରଥମେ ଆରମ୍ଭ ହୋଇଥିବା କୁହାଯାଇଛି। ବ୍ରହ୍ମପୁରକୁ ଶାସନ କରୁଥିବା ତତ୍କାଳିନ ମହୁରୀ ରାଜା ରାଜା ହରିହର ନରେନ୍ଦ୍ର ଦେବ ୧୭୮୨ ମସିହାରେ ଏହି ଯାତ୍ରା ପ୍ରଥମେ ଆରମ୍ଭ କରିଥିଲେ। ମହୁରୀ ରାଜା ହରିହର ନରେନ୍ଦ୍ର ଦେବ ନିଜର ଦାକ୍ଷିଣାତ୍ୟ ଭ୍ରମଣରେ ରାଜମହେନ୍ଦ୍ରୀ ଗସ୍ତରେ ଯାଇଥିବା ବେଳେ କେତେକ ବୁଣାକାରଙ୍କୁ ଭେଟିଥିଲେ। ସେହି ବୁଣାକାରମାନଙ୍କୁ ସେ ତାମ୍ରପଟା ଦେଇ ସମ୍ମାନିତ କରିଥିଲେ। ଏହା ସହିତ କିଛି ବୁଣାକାରଙ୍କୁ ସେ ସେଠାରୁ ଡାକିଆଣି ଏଠାରେ ବସବାସ କରିବା ସହିତ ନିଜର ବ୍ୟବସାୟ ଆରମ୍ଭ କରିବାକୁ କହିଥିଲେ। ଏହି ସଂପ୍ରଦାୟର ଲୋକଙ୍କୁ ପରେ ଡେରା ସଂପ୍ରଦାୟ ବୋଲି କୁହାଯାଇଥିଲା। ଏହି ଡେରା ସଂପ୍ରଦାୟ ଲୋକଙ୍କ ଦ୍ୱାରା ପ୍ରଥମେ ମା'ଙ୍କ ପୂଜା ଅର୍ଚ୍ଚନା ଆରମ୍ଭ ହୋଇଥିଲା।

ପରେ ଏହି ଡେରା ସଂପ୍ରଦାୟର ଲୋକମାନଙ୍କ ମୁଖିଆକୁ ଦେଶୀ ବେହେରା ଆଖ୍ୟା ଦିଆଯାଇଥିଲା। ସେହି ଦିନଠାରୁ ଦେଶୀ ବେହେରା ଏହି ଯାତ୍ରା କରି ଆସୁଛନ୍ତି। ଏହା ସହିତ ରହି ଆସିଛି ମା'ଙ୍କ ସମସ୍ତ ପରଂପରା। ସେହି ଦିନଠାରୁ ଚାଲିଆସିଛି ଠାକୁରାଣୀ ଯାତ୍ରା। ପ୍ରଥମେ ଏହି ସେହି ପରଂପରାର ପ୍ରଥମ ପ୍ରତୀକ ସ୍ୱରୂପ ଆଜି ବି ରହିଆସିଛି ମହୁରୀ ରାଜାର ସ୍ୱାତନ୍ତ୍ୟ। ମା' ବାପଘର (ଦେଶୀବେହେରା ସାହି)କୁ ଆସିବା ପରେ ପ୍ରଥମେ ମହୁରୀ ରାଜାଙ୍କ ଘରକୁ ଯାଇ ତାଙ୍କର ବୁଲିବା ଆରମ୍ଭ କରିଥାନ୍ତି। ଏହା ଦ୍ୱାରା ମା' ମହୁରୀରାଜାଙ୍କ ପ୍ରତି ନିଜର କରୁଣା ପ୍ରଦର୍ଶନ ସହ ପ୍ରତ୍ୟେକ ଦିନ ମଧ୍ୟ ରାଜବାଟୀକୁ ଯାଇ ନିଜର ପରଂପରା ରକ୍ଷା କରିଥାନ୍ତି। ମହୁରୀରାଜାଙ୍କ ସମୟରୁ ଏହି ଯାତ୍ରା ଆରମ୍ଭ ହୋଇଥିବାରୁ ପ୍ରତ୍ୟେକ ଦିନ ମା'ଙ୍କ ଘଟ ମହୁରୀ ରାଜବାଟୀ ଯିବା ପରଂପରା ରହି ଆସିଛି।

### ପରଂପରା ଓ ବ୍ରହ୍ମପୁର ଠାକୁରାଣୀ ଯାତ୍ରା

ବ୍ରହ୍ମପୁରର ପ୍ରସିଦ୍ଧ ଏହି ଠାକୁରାଣୀ ଯାତ୍ରା ବହୁ ପରଂପରା ମଧ୍ୟରେ ବାନ୍ଧି ହୋଇ ରହିଛି। ମା'ଙ୍କ ଯାତ୍ରା ସମୟରେ ଯାହା ସବୁ ହୁଏ ତାହା ପରଂପରା ଅନୁଯାୟୀ ହିଁ ହୋଇଥାଏ। ଯେପରି ମା'ଙ୍କ ଶୁଭଖୁଣ୍ଟି କିଏ ଧରିବ ତାହା ମଧ୍ୟ ପୂର୍ବରୁ ପରଂପରା ଅନୁଯାୟୀ ସ୍ଥିର ହୋଇଥାଏ। ଏପରିକି ମା' ଅସ୍ଥାୟୀ ମନ୍ଦିରରେ ରହିବା ପର୍ଯ୍ୟନ୍ତ ମା'ଙ୍କ ପୂଜା ଅର୍ଚ୍ଚନା ପାଇଁ ମଧ୍ୟ ଏକ ନିର୍ଦ୍ଦିଷ୍ଟ ପୂଜାରୀ ରହିଥାନ୍ତି। ଏହି ସ୍ୱତନ୍ତ୍ର ପୂଜାରୀଙ୍କୁ ଦାମଲା କୁହାଯାଇଥାଏ। ପରଂପରା ଅନୁଯାୟୀ ନିଜ ପିତାଘରକୁ ଆସି ଅସ୍ଥାୟୀ ମନ୍ଦିରରେ ରହିବା ସମୟରେ ମା'ଙ୍କ ପୂଜା ବିଧିକରିବା ପାଇଁ ତାଙ୍କର ପାରଂପାରିକ ପୂଜକ ତଥା ଦାମଲା ପୂଜାରୀ ଆସି ପହଞ୍ଚିଥାନ୍ତି। ଚଳିତ ବର୍ଷ ଦୁଇ ପୂଜକ ଯୋଗୀ ପାତ୍ର (ଆମ୍ବପୁଆ) ଓ ଇ ଟୁନା ପାତ୍ର (ପିଉଳ) ଏହି ଦ୍ୱାୟିତ୍ୱ ତୁଲାଉଛନ୍ତି। ଏହି ପୂଜକମାନଙ୍କ ବଂଶଧରମାନେ ମା'ଙ୍କ

ପୂଜାର୍ଚ୍ଚନା କରି ଆସିଛନ୍ତି। ମା'ଙ୍କୁ ଦେଶୀ ବେହେରା ସାହିକୁ ଅଣାଯିବା ପରେ ବିଭିନ୍ନ ପୂଜା ସଂପର୍ଣ୍ଣ କରାଯିବା ପରଂପରା ରହିଛି। ଏଥିମଧ୍ୟରେ ଦିଗବନ୍ଧନ ପୂଜା ଅନ୍ୟତମ। କହିବା ଅନୁସାରେ ମା' ଏଠାରେ ରହିବା ପର୍ଯ୍ୟନ୍ତ ସବୁ ଦିଗକୁ ବନ୍ଧନରେ ବାନ୍ଧି ଦିଆଯାଇଥାଏ। ଏହି ସମସ୍ତ କାର୍ଯ୍ୟ ଦାମଲାଙ୍କ ଦ୍ୱାରା ସଂପର୍ଣ୍ଣ ହୋଇଥାଏ। ମା'ଙ୍କ ଘଟକୁ ଚିତ୍ରଣ କରିବା, ମା'ଙ୍କ ଅସ୍ଥାୟୀ ମନ୍ଦିରରେ ଚୂନ ମାରିବା ମହିଳାମାନଙ୍କ ଦ୍ୱାରା କରାଯାଇଥାଏ। ଏହି ମହିଳା ମାନେ ବଂଶାନୁକ୍ରମିକ ଭାବେ ନିଜର ଦାୟିତ୍ୱ କରିଥାନ୍ତି। ଏହି ପରଂପରାରେ କୌଣସି ବିଚ୍ୟୁତି ହୋଇ ନଥାଏ। ଏହା ବ୍ୟତୀତ ମା'ଙ୍କ ପାଇଁ ଅସ୍ଥାୟୀ ମନ୍ଦିରରେ ବାଳଭୋଗ, ଅପରାହ୍ନରେ ରାଜଭୋଗ, ସଂଧ୍ୟାରେ ଘଟ ପରିକ୍ରମା ପରେ ପଣାଭୋଗ ଏବଂ ଶେଷରେ ରାଜଭୋଗ ଇତ୍ୟାଦି ହୋଇଥାଏ। ନୀତି ଅନୁସାରେ ମା'ଙ୍କୁ ଦେଶୀବେହେରା ସାହିକୁ ଆଣିବାପାଇଁ ଏକ ନୂତନ ଚାଙ୍ଗୁଡି ମଧ୍ୟ ବଂଶାନୁକ୍ରମିକ କାରିଗରଙ୍କ ଦ୍ୱାରା ନିର୍ମିତ ହୋଇଥାଏ।

**ଯାତ୍ର ଓ ଘଟ ପରିକ୍ରମା**

ମା' ବାପଘରକୁ ଆସିବା ପରେ ପ୍ରଥମ ଦିନଟି ଉକ୍ତ ଫୁଲମାଳକୁ ଚାଙ୍ଗୁଡିରେ ରଖାଯାଇଥାଏ। ପରେ ଏହି ଫୁଲକୁ ଘଟରେ ସ୍ଥାପନ କରାଯାଇଥାଏ। ପ୍ରତିଦିନ ଏହି ଘଟକୁ ନେଇ ମା'ଙ୍କ ପରିକ୍ରମା ହୋଇଥାଏ। ଘଟ ପରିକ୍ରମା ହିଁ ମା'ଙ୍କ ଯାତ୍ରାର ଅନ୍ୟତମ ଆକର୍ଷଣୀୟ କାର୍ଯ୍ୟକ୍ରମ। ଏହି ସମୟରେ ଘଟ ଦର୍ଶନ ସହ ମା'ଙ୍କ ଘଟ ଧରିଥିବା ମହିଳାଙ୍କ ଗୋଡ ଧୋଇବାକୁ ଲୋକମାନେ ଅତ୍ୟନ୍ତ ପୂଣ୍ୟ କାର୍ଯ୍ୟ ବୋଲି ବିବେଚିତ କରିଥାନ୍ତି। ଯାହା ଫଳରେ ମା'ଙ୍କ ଘଟ ପରିକ୍ରମାବେଳେ ଘଟ ଧରିଥିବା ମହିଳାଙ୍କ ଗୋଡ ଧୋଇବାପାଇଁ ହାତରେ ହଳଦୀ ପାଣି ଧରି ମହିଳାମାନେ ଭିଡ ଜମାଇଥାନ୍ତି।

**ଯାତ୍ରା ସହ ମୀନାବଜାର ଓ ସର୍କସ**

ଠାକୁରାଣୀ ଯାତ୍ରା ଆରମ୍ଭ ହେବା ପରେ ବଡବଜାର ସମେତ ଆଖପାଖ ସାହିରେ ବିଭିନ୍ନ ପସରାର ଆସର ଆରମ୍ଭ ହୋଇଯାଇଥାଏ। ଏଥି ସହିତ ବିଭିନ୍ନ ସାହିରେ କଳାକୁଞ୍ଜ ଓ ରଥ ବାହାରିଥାଏ। ସେଥି ମଧିରେ ନୃସିଂହ ମନ୍ଦିର ଛକରେ ହରି ଅର୍ଜୁନ ରଥ, ଚନ୍ଦ୍ର ଶେଖର ମନ୍ଦିର ସାହିରେ ହନୁମାନ ରଥ, ନୃସିଂହ ମନ୍ଦିର ସାହିର ରାମଚନ୍ଦ୍ର ରଥ, ଶଙ୍ଖାରି ସାହିର ବୀର ଲକ୍ଷ୍ମଣ ରଥ ଏବଂ ପୁରୁଣା ବ୍ରହ୍ମପୁରର ବୀର କର୍ଣ୍ଣ ରଥ, ବଢୁଆରା ସାହିର ବିଞ୍ଝଣା ରଥ, ଷଣ୍ଢ ମହାନ୍ତି ସାହିର ଶ୍ୟାମାକାଳୀ ଓ ଶିବାରୂଢ଼ୀ କାଳୀଙ୍କ ରଥ, କାଳୁପାତ୍ର ସାହିର ଜ୍ୱାଳାମୁଖୀ ରଥ ଅନ୍ୟତମ। ଯାତ୍ରା ଆରମ୍ଭ ହେବାପରେ ବ୍ରହ୍ମପୁର ସହରରେ ବିଭିନ୍ନ ସର୍କସ, ମୀନା ବଜାର, ରାମଦୋଳି ଇତ୍ୟାଦି ଆସିଥାଏ। ଯାତ୍ରା ସହରର ପରିବେଶକୁ କୋଳାହଳମୟ କରିଦେଇଥାଏ। ମା'ଙ୍କ ଅସ୍ଥାୟୀ ମନ୍ଦିରରେ ଦର୍ଶନ ସହିତ ଲୋକମାନେ ବିଭିନ୍ନ ରଥ, କଳାକୁଞ୍ଜ, ସର୍କସ ଓ ମୀନାବଜାର ବୁଲି ମନୋରଞ୍ଜନ କରିଥାନ୍ତି।

ଅସ୍ଥାୟୀ ମନ୍ଦିରରେ ନିର୍ଦ୍ଧାରିତ ଦିନ ରହିବା ପରେ ମା'ଙ୍କ ଅସ୍ଥାୟୀ ମନ୍ଦିରୁ ନିଜ ଠାକୁରାଣୀ ମନ୍ଦିରକୁ ବାହୁଡା ହୋଇଥାଏ। ପୁଣି ଦୁଇ ଏକ ବର୍ଷର ବ୍ୟବଧାନ ପରେ ମା' ନିଜ ବାପଘରକୁ ଆସିଥାନ୍ତି। ସେତେବେଳ ପର୍ଯ୍ୟନ୍ତ ପୁଣି ଅପେକ୍ଷା କରିବାକୁ ପଡେ ସହରବାସୀଙ୍କୁ।

# ଶୁଭ ଶଙ୍ଖ

ନିର୍ମଳ ମିଶ୍ର

'ଆହ୍ୱାନ'ର ବିଜ୍ଞ ପାଠକ ମାନଙ୍କୁ ଶୁଭ ଶଙ୍ଖ ବାଦ୍ୟ ବିଷୟରେ କିଛି କହୁଛି।

ଜଗତର ନାଥ ଶ୍ରୀ ଜଗନ୍ନାଥ ଶଙ୍ଖପାଣି ଭାବରେ ମଧ୍ୟ ଖ୍ୟାତ। 'ଶ୍ରୀ ଜଗନ୍ନାଥ ସ୍ତୋତ୍ରରତ୍ନାବଳୀ'ରେ ତାଙ୍କ ଉଦ୍ଦେଶ୍ୟରେ କୁହାଯାଇଛି;

*ଶଙ୍ଖଚକ୍ରଗଦାପାଣିଂ ମୁକୁଟାଙ୍ଗଦଭୂଷଣମ୍*
*ସର୍ବଲକ୍ଷଣ ସଂଯୁକ୍ତଂ ବନମାଳାବିଭୂଷିତମ୍।।*

ନାରାୟଣଙ୍କ କରରେ ମଧ୍ୟ ଶଙ୍ଖ ଶୋଭାପାଏ। ବ୍ରହ୍ମପୁରାଣୋକ୍ତ 'ଶ୍ରୀ ନାରାୟଣକବଚ'ରେ କୁହାଯାଇଛି;

See the Improved and all new **Vista Look Website** of Aahwaan, and get one for yourself too. Call us Now.



*ଅହଂ ନାରାୟଣୋଦେବଃ ଶଙ୍ଖଚକ୍ର- ଗଦାଧରଃ*
*ଏବଂଧ୍ୟାତ୍ୱାତଦାଽତ୍ମାନମିମଂ ମନ୍ତ୍ର ମୁଦୀରୟତ୍ ।।*

ନୃସିଂହ ମହାପ୍ରଭୂଙ୍କ କରରେ ମାଧବ ଶଙ୍ଖ ରୂପେ ଶୋଭାପାଉଥିବାରୁ 'ନୀଳାଦ୍ରି ମହୋଦୟ'ରେ କୁହାଯାଇଛି;

*ମାଧବଃ ଶଙ୍ଖତାଂ ପ୍ରାପ୍ୟ ଯତ୍ କରେଭାତି ସୁନ୍ଦରେ*
*ନୃସିଂହ ରୂପିଣେ ତସ୍ମୈ ନୀଳାଚଳ ନିବାସିନେ*
*ଧରାଧରଧର ଯସ୍ତୃ ସେୟଂ ତତ୍ର ଗଦାଭବତ୍*
*ନମସ୍ତସ୍ମୈ ନୃସିଂହାୟ ଦୈତ୍ୟ ସଂଘଚ୍ଛିଦେନମଃ ।।*

ବିଷ୍ଣୁ ସର୍ବଦା ଶଙ୍ଖ ଆଲିଙ୍ଗନରେ ମଜ୍ଜି ରହିଥିବାର କାରଣ ଦର୍ଶାଇ କବି ଯଦୁମଣି 'ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର' କାବ୍ୟରେ ଲେଖିଛନ୍ତି;

*ମାଣିକ୍ୟକଙ୍କଣ- କିରଣ ବ୍ରାତ*
*ପତନ୍ତୁ ପ୍ରତିବିମ୍ବ ଚଞ୍ଚଳିତ*
*କ୍ଷୀର ପାରାବାର- ନନ୍ଦନାଗଳା*
*ତାମ୍ବୁଳ ବାଟିକା ଭକ୍ଷଣଲୀଳା*
*ଏହି ପାଞ୍ଚଜନ୍ୟ*
*ହେଉ ଜାକିଲେ ହରି-ପାଞ୍ଚ-ଜନ୍ୟ*

ଅର୍ଥାତ୍ ସ୍ୱଚ୍ଛା ଶୁଭ୍ରା ଲକ୍ଷ୍ମୀ ପାନପିକ କଣ୍ଠରେ ତୋକିଲେ ଯେପରି ଦେଖାଯାଏ, ବିଷ୍ଣୁଙ୍କ ହସ୍ତରେଖାରେ ଥିବା ମାଣିକ୍ୟକଙ୍କଣର ରକ୍ତବର୍ଣ୍ଣ ଛବି ଶୁଭ୍ର ଶଙ୍ଖରେ ପଡିଲେ, ସେହିପରି ଦେଖାଯାଏ । ତେଣୁ ଜାୟା ପ୍ରେମରେ ନିରନ୍ତର ଆସକ୍ତ ବିଷ୍ଣୁ ଅନ୍ୟାନ୍ୟ ଆୟୁଧ ତ୍ୟାଗକରି କେବଳ ଶଙ୍ଖକୁ ଅଧିକ ଆଲିଙ୍ଗନ କରନ୍ତି । ଏଠାରେ ପ୍ରକାଶଯୋଗ୍ୟ ଯେ ଲକ୍ଷ୍ମୀ ପଦ୍ମିନୀଜାତୀୟା ନାୟିକା ହୋଇଥିବାରୁ ତାଙ୍କର କଣ୍ଠ ଶଙ୍ଖପରି ଶୋଭନୀୟ ଅଟେ । ଶ୍ରୀହରି ଓ ଲକ୍ଷ୍ମୀ, ଉଭୟଙ୍କର ଶଙ୍ଖ ପ୍ରିୟ ହୋଇଥିବାରୁ ପ୍ରତ୍ୟେକ ମଙ୍ଗଳ କାର୍ଯ୍ୟରେ ପ୍ରଥମେ ଶଙ୍ଖବାଜେ ଓ ଯେଉଁଠାରେ ଶଙ୍ଖବାଜେ ସେଠାରୁ ଅମଙ୍ଗଳ ଦୂରେଇଯାଏ । ଏଣୁ ଶାସ୍ତ୍ରରେ କୁହାଗଲା;

*ଶଙ୍ଖେହରେଦିଷ୍ଠାନଂ ଯତଃ ଶଙ୍ଖସ୍ତତୋଽହରିଃ*
*ତତ୍ରୈବ ସତତ ଲକ୍ଷ୍ମୀର୍ଦୁରୁଭୂତମ୍ ମଙ୍ଗଳଂ*

ଦେବାଳୟରେ ଶଙ୍ଖବାଜିଲେ ରାତିପାହିବାର ସୂଚନା ମିଳେ ବା ରାତି ପାହିଲେ ଦେବାଳୟରୁ ଶଙ୍ଖଧ୍ୱନୀ ଭାସିଆସି ନରନାରୀଙ୍କୁ ଜାଗ୍ରତ କରାଇଦିଏ । 'ମଥୁରାମଙ୍ଗଳ' କାବ୍ୟରେ କବି କହିଲେ;

*ଏଥୁ ଅନନ୍ତରେ ରଜନୀ ଶେଷରେ*
*ପରଭୃତ ଧୀରେ ଭାସି*
*ଶମ୍ଭୁ ଆଳେ କମ୍ବୁ ଶବଦ ଶୁଭିଲା*
*ଜାଗିଲେ ମଥୁରାବାସୀ ।*

ରାତିପାହିଲେ ଶିବ ମନ୍ଦିରରେ ଶଙ୍ଖ ବାଜିବା ପରଂପରା ଦର୍ଶାଇ କବି ଯଦୁମଣି 'ପ୍ରବନ୍ଧ ପୂର୍ଣ୍ଣଚନ୍ଦ୍ର' କାବ୍ୟରେ ଲେଖିଛନ୍ତି;

*ସୁପର୍ବାଣଧୁନି ମୁର୍ଦ୍ଧନୀଙ୍କପୁରେ*
*ଦରଧ୍ୱନୀ ହେଲା ଉତ୍ପତି*
*ଦିବାକର କର କୁକ୍କୁଟ ସଞ୍ଚରି*
*ଚରିଦେଇଗଲା ଝଟତି*
*ରଥାଙ୍ଗ*
*ବିଯୋଗଯୋଗେ ଦ୍ୱିଜରାଜ*
*ପୁଣ୍ୟାହ ବାଚନେ ବୁଣିଥିଲା ଯେଉଁ*
*ଅକ୍ଷତ ନକ୍ଷତ୍ର ସମାଜ*

ଶୋଭାମୟୀ ନାୟିକାର କଣ୍ଠକୁ ଶଙ୍ଖସାଥିରେ ତୁଳନା କରାଯାଇଥାଏ । କବି କହିଛନ୍ତି;

*କୁଚଲେଖା ହୋଏ ସୁବର୍ଣ୍ଣ ତୁମ୍ବିରେ ଗତି ଲେଖାହୋଏ କରୀରେ*
*କଣ୍ଠ ଲେଖାହୋଏ ଶଙ୍ଖ ସଙ୍ଗତରେ କେଶ ଲେଖା କୃଷ୍ଣଚାମରେ ।*

କାବ୍ୟନାୟିକା 'ଲାବଣ୍ୟବତୀ' କଣ୍ଠ ଶୋଭାକୁ ଶଙ୍ଖ ସମାନ ହୋଇନପାରିବାରୁ ଦୁଃଖରେ ସବୁଦିନ ସକାଳୁ ଡାକ ଛାଡେ । କବି ସମ୍ରାଟ୍ ଉପେନ୍ଦ୍ର ଭଞ୍ଜ କହନ୍ତି;

*କମ୍ବୁକଣ୍ଠ ଦେଖି ଅତି ଆର୍ତ୍ତିରୁ*
*ସମନୋହେବୋଲି ଡାକେ ପ୍ରାତରୁ*

ରଣ କ୍ଷେତ୍ରରେ ଯୁଦ୍ଧ ଆରମ୍ଭ ହେବାପୂର୍ବରୁ ପ୍ରଥମେ ଶଙ୍ଖବାଜିବା ପ୍ରଥା ବହୁକାଳରୁ ପ୍ରଚଳିତ । ମହାଭାରତ ଯୁଦ୍ଧରେ ପାଣ୍ଡବ ମାନଙ୍କ ପକ୍ଷରୁ ପ୍ରଥମେ ଶ୍ରୀକୃଷ୍ଣ ପଞ୍ଚଜନ୍ୟ

See the Improved and all new **Vista Look Website** of Aahwaan, and get one for yourself too. Call us Now.

Nyasa Nabodita Presents
ଆହ୍ୱାନ
ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

Visit our website today for more feature rich presentations and informations. http://aahwaan.9999mb.com/

ଶଙ୍ଖ ବଜାଇଥିଲେ। 'ଗୀତା'ରେ କୁହାଯାଇଛି;

'ପାଞ୍ଚଜନ୍ୟ ହୃଷୀକେଶ । ଦେବଦତ୍ତ ଧନଞ୍ଜୟ।'

ଏହି ପାଞ୍ଚଜନ୍ୟ ଶଙ୍ଖ ଶବ୍ଦରେ କୌରବ ଓ ସେମାନଙ୍କର ସୈନ୍ୟମାନେ ପ୍ରଥମରୁ ହିଁ ଭୟଭୀତ ହୋଇଥିଲେ ଓ ପରିଣତିରେ ପାଣ୍ଡବମାନେ ଜୟଲାଭ କଲେ। ମହାଭାରତ ଯୁଦ୍ଧରେ ଦୁର୍ଯ୍ୟୋଧନଙ୍କ ହୃଦୟରେ ହର୍ଷଜାତ କରି ପ୍ରଭାବଶାଳୀ କୁରୁବୃଦ୍ଧ ପିତାମହ ଭୀଷ୍ମ ସିଂହପରି ଗର୍ଜନ କରି ଉଚ୍ଚ ସ୍ୱରରେ ଶଙ୍ଖ ବଜାଇଥିଲେ। 'ଗୀତା' କୁହେ;

*ତସ୍ୟ ସଞ୍ଜନୟନ୍ ହର୍ଷଂ କୁରୁବୃଦ୍ଧ ପିତାମହଃ*
*ସିଂହନାଦଂ ବିନଦ୍ୟୋଚ୍ଚୈଃ ଶଙ୍ଖ ଦଧୌଂ ପ୍ରତାପବାନ।*

ଏଠାରେ ଉଲ୍ଲେଖଯୋଗ୍ୟ ଯେ ଭୀଷ୍ମ ମହାଭାରତ ଯୁଦ୍ଧ ଘୋଷଣାପାଇଁ ଶଙ୍ଖନାଦ କରିନଥିଲେ। କେବଳ ଦୁର୍ଯ୍ୟୋଧନଙ୍କୁ ସନ୍ତୁଷ୍ଟ କରିବାପାଇଁ ଶଙ୍ଖ ବଜାଇଥିଲେ। ତଥାପି କୌରବସେନା ଏହାକୁ ଯୁଦ୍ଧଘୋଷଣା ବୋଲି ଭାବିନେଲେ । ଏବଂ ଭୀଷ୍ମଙ୍କ ଶଙ୍ଖବାଜିବା କ୍ଷଣି କୌରବସେନାଙ୍କର ଶଙ୍ଖଆଦି ସମସ୍ତ ବାଦ୍ୟ ବାଜିଉଠିଥିଲା। ମହାଭାରତ ଯୁଦ୍ଧରେ ବାଜିଥିବା ଶ୍ରୀ କୃଷ୍ଣଙ୍କ ଶଙ୍ଖର ନାମ ପାଞ୍ଚଜନ୍ୟ, ଅର୍ଜୁନଙ୍କର ଶଙ୍ଖର ନାମ ଦେବଦତ୍ତ, ଭୀମଙ୍କର ଶଙ୍ଖର ନାମ ପୌଣ୍ଡ୍ର, ଯୁଧିଷ୍ଠିରଙ୍କ ଶଙ୍ଖର ନାମ ଅନନ୍ତ ବିଜୟ ଓ ନକୁଳଙ୍କ ଶଙ୍ଖର ନାମ ସୁଘୋଷ ଥିଲା। ଏହି ଶଙ୍ଖମାନଙ୍କର ଭୟଙ୍କର ଶବ୍ଦ ଆକାଶ ଓ ପୃଥିବୀକୁ କଂପାଇଦେବା ସହ ଦୁର୍ଯ୍ୟୋଧନଙ୍କ ହୃଦୟକୁ ଅସ୍ତ୍ରପରି ବିଦାରି ଦେଇଥିଲା। ଆଉ କୌରବମାନଙ୍କୁ ଦୁର୍ବଳ କରିଦେଇଥିଲା।

ଏଥର ପାଠକମାନଙ୍କୁ ଶ୍ରୀକ୍ଷେତ୍ରକୁ ନେଇଯାଉଛି। ଶ୍ରୀକ୍ଷେତ୍ରର ଆକୃତି ଶଙ୍ଖପରି, ହୋଇଥିବାରୁ ଏହାକୁ ଶଙ୍ଖକ୍ଷେତ୍ର ବୋଲି ମଧ୍ୟ କୁହାଯାଏ। ପୁରାଣମତ ଅନୁସାରେ ଦିବ୍ୟ ଶଙ୍ଖ ଏହାର କେନ୍ଦ୍ରରେ ରହିଥିବାରୁ ଏହି ସ୍ଥାନ ଶଙ୍ଖକ୍ଷେତ୍ର ଭାବରେ ଖ୍ୟାତି ପାଇଛି । ଏହି ଦିବ୍ୟ ଶଙ୍ଖମଧ୍ୟରେ ମା' ଲକ୍ଷ୍ମୀ ବାସ କରୁଥିବାରୁ ଶଙ୍ଖକ୍ଷେତ୍ର ମାଧବ ବା ଜଗନ୍ନାଥଙ୍କ ପ୍ରିୟ କ୍ଷେତ୍ର ହୋଇଛି।

କବି ଦିନକୃଷ୍ଣ କହିଲେ;

*କମ୍ବୁ କଟକ ମଧ୍ୟେ ନାଗର ଏକ*
*କଉତୁକ କଥାମାନଙ୍କେ ରସିକ।।*

କବି ସାରିଆଭିକ କହିଲେ;

*ଥକାମନ ଚାଲ ଯିବା*
*ଚକାନୟନ ଦେଖିବା*
*ଶଙ୍ଖନାଭି ମଣ୍ଡଳରେ*
*ବେନି ନେତ୍ର ପଖାଳିବା*

ପରିଶେଷରେ ନୀଳାଦ୍ରିରେ, ଶଙ୍ଖମଧ୍ୟରେ ଅବସ୍ଥାନ କରିଥିବା ମହାପ୍ରଭୂ ଜଗନ୍ନାଥଙ୍କଠାରେ ପାଠକ ମାନଙ୍କ ମଙ୍ଗଳ କାମନା କରି ପ୍ରାର୍ଥନା କରୁଛି;

*ନୀଳାଦ୍ରୌ ଶଙ୍ଖମଧ୍ୟେ     ଶତଦଳ କମଳେ*
*ରତ୍ନସିଂହାସନସ୍ଥଂ*
*ସର୍ବାଳଂକାରଯୁକ୍ତଂ     ନବଘନରୁଚିରଂ*
*ସଂସ୍ଥିତଂ ଚାଗ୍ରଜେନ*
*ଭଦ୍ରାୟାଃ ବାମଭାଗେ*
*ରଥଚରଣଯୁତଂ     ବ୍ରହ୍ମରୁଦ୍ରେନ୍ଦ୍ରବନ୍ଦ୍ୟ*
*ଦେବାନାଂ     ସାରମେକଂ*
*ସକଳଗୁଣଯୁତଂ*
*ବ୍ରହ୍ମଦାରୁ ସ୍ମରାମି।।*

ପୋଖରିଆ ସାହି, ପୁରୀ

# ଯାତ୍ରା ପରଂପରା

ଠାକୁରାଣୀ ଯାତ୍ରା ଆଉ ବିଭିନ୍ନ ବେଶ

ବିଗତ ତିନି ସପ୍ତାହ ବ୍ରହ୍ମପୁର ସହର ଜନମୁଖର ହୋଇ ପଡିଥିବା ବେଳେ ଠାକୁରାଣୀ ଯାତ୍ରାର ଅନନ୍ୟ ଆକର୍ଷଣ ବିଭିନ୍ନ ବେଶ ଲୋକମାନଙ୍କୁ ଆନନ୍ଦିତ ହେବାର ଏକ ଅଭୁତପୂର୍ବ ଖୋରାକ୍ ଯୋଗାଇଛି କହିବା ଅତୁଳ୍ୟ ହେବ ନାହିଁ। ସମ୍ଭବତଃ ରାସ୍ତାରେ ଯାଉଥିବା ବେଳେ ସାଇକେଲ୍‌ରେ ରାମସୀତା, ହନୁମାନଙ୍କୁ ଯିବାର ଦେଖାଯିବା ଏକ ସାଧାରଣ ଘଟଣା। ବେଳେ ବେଳେ ଭୟଙ୍କର ପିଲାଖାଉ ଡାହାଣୀ ବେଶ ଦେଖି ଡରିଯିବା ସହିତ ସୁସଜ୍ଜିତ ବାଘର ଉଦ୍ଧତ ଚାଲି ଓ

Nyasa Nabodita Presents

ଦ୍ୱିତୀୟ ବର୍ଷ
ଚତୁର୍ଥ ସଂଖ୍ୟା
Vol: 2 Issue: 4
May 2007

See the Improved and all new **Vista Look Website** of Aahwaan, and get one for yourself too. Call us Now.

ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

Visit our website today for more feature rich presentations and informations. http://aahwaan.9999mb.com/

ନାଚ ମନକୁ ଆନ୍ଦୋଳିତ କରିପକାଏ। ସନ୍ଧ୍ୟା ସମୟରେ ସହର ହୋଇଉଠେ ଆହୁରି ଅଧିକ ରଙ୍ଗୀନ୍ ଯେତେବେଳେ ବିଭିନ୍ନ ମାନସିକଧାରୀ ମାନଙ୍କ ବେଶ ଦେଖିବାକୁ ମିଳେ। ଦିନବେଳେ ଖରାରେ ମୋଟର ସାଇକେଲ୍‌ରେ ବସି ଯାଉଥିବା ରାମ ଓ ସୀତାଙ୍କୁ ଦେଖି ଅନେକ ଆଂନନ୍ଦିତ ହୁଅନ୍ତି।

ବ୍ରହ୍ମପୁରର ଠାକୁରାଣୀ ଯାତ୍ରାବେଳେ ବିଭିନ୍ନ ମାନସିକଧାରୀ ମାନେ ଭିନ୍ନ ଭିନ୍ନ ବେଶରେ ସଜ୍ଜିତ ହୋଇ ସହର ପରିକ୍ରମା କରିବାର ପରଂପରା ଅତି ପ୍ରାଚୀନ। ଯାତ୍ରା ସମୟରେ ବିଭିନ୍ନ ପାରଂପରିକ ବେଶ ଯଥା କୃଷ୍ଣ, ବଳରାମ, ରାମ, ଅର୍ଜୁନ, ହନୁମାନ, ସୀତା, ରାଧା, ଦୁର୍ଯୋଧନ ସମେତ ପିଲାଖାଇ ଡାହାଣୀ, ବାଘ, ଡୁବୁଡୁବା ବେଶ ଆଦି ଅନେକ ପ୍ରକାରର ବେଶ ପଡିଥାନ୍ତି ଶ୍ରଦ୍ଧାଳୁ ମାନେ। ଏହି ବିଶେଷ ସମୟପାଇଁ ବ୍ରହ୍ମପୁରରେ ଥିବା ଅନେକ ଚିତ୍ରାଳୟ ପୂର୍ବରୁ ପ୍ରସ୍ତୁତି କରିଥାନ୍ତି। ଅନେକ ଅସ୍ଥାୟୀ ଚିତ୍ରାଳୟମାନ ବି ଖୋଲିଯାଏ ଏହି ସମୟରେ। ଦିନକୁ ଅନ୍ତତଃ ଚାଳିଶିରୁ ପଚାଶ ବେଶ ବାହାରେ ବୋଲି ଏକ ପ୍ରାଥମିକ ଆକଳନରୁ କୁହାଯାଇଛି। କିନ୍ତୁ ସବୁ ବେଶ ମଧ୍ୟରେ ପ୍ରଥମ ପସନ୍ଦ ସର୍ବଦା 'କୃଷ୍ଣ' ବେଶ ବୋଲି କହନ୍ତି ଅନେକ ଚିତ୍ରାଳୟର ମାଲିକ।

ଏହି ସମସ୍ତ ପ୍ରକାର ବେଶ ବ୍ୟତୀରେକ ବିଜିପୁରର ଲଣ୍ଡାବେଶ ଅନନ୍ୟ ଆକର୍ଷଣର ବିନ୍ଦୁ ହୋଇଥାଏ। ଅବଶ୍ୟ ଏହି ବେଶ ପାଇଁ କୌଣସି ଚିତ୍ରାଳୟର ସାହାଯ୍ୟ ନିଆଯାଏ ନାହିଁ। କିନ୍ତୁ ଏହାର ଆକର୍ଷଣ ଅଦମନୀୟ। ଏହି ସମସ୍ତ ପ୍ରକାର ବେଶ ପକାଇବାପାଇଁ ଚିତ୍ରାଳୟମାନେ ଅଧିକ ଟଙ୍କା ନେବାର ଅଭିଯୋଗ ଅନେକ କରନ୍ତି, କିନ୍ତୁ ବେଶ ପଡିଥିବା ଲୋକକୁ ଦେଖି ଆମୋଦିତ ହେବା ଏବଂ ବେଳେ ବେଳେ ମୋଟା ଅଙ୍କର ଦକ୍ଷିଣା ଦେବାକୁ କେହି ଭୁଲନ୍ତି ନାହିଁ। ସାଧାରଣତଃ କୃଷ୍ଣ, ରାମ, ଅର୍ଜୁନ, ସୀତା, ରାଧା ଆଦି ବେଶ ପକାଇବାକୁ ଏକ ରୁ ଦୁଇ ଘଣ୍ଟା ସମୟ ଲାଗିଥାଏ, ଆଉ ୧୫୦ ରୁ ୩୦୦ ଟଙ୍କା ପର୍ଯ୍ୟନ୍ତ ଖର୍ଚ୍ଚ ହୋଇଥାଏ। ପିଲାଖାଇ ଡାହାଣୀ ଓ ଡୁବୁଡୁବା ବେଶ ପାଇଁ ତିନିଘଣ୍ଟା ପର୍ଯ୍ୟନ୍ତ ସମୟ ଲାଗେ ଓ ଅନୁରୂପ ଅଧିକ ପଇସା ଦେବାକୁ ହୁଏ। ବାଘବେଶ ପଡିବା ପାଇଁ ତିନିରୁ ପାଞ୍ଚଘଣ୍ଟା ସମୟ ଲାଗେ ଏବଂ ଏଥିରେ ୧୦୦୦ରୁ ୨୦୦୦ ପର୍ଯ୍ୟନ୍ତ ଖର୍ଚ୍ଚ ଆସେ। ଏହା ସହିତ ବାଘ ବେଶଧାରୀ ଓ ପିଲାଖାଇ ଡାହାଣୀ ଏବଂ ଡୁବୁଡୁବା ବେଶଧାରୀଙ୍କ ସହ ହାଡିବାଇଦ ଧରି ଦୁଇରୁ ପାଞ୍ଚଜଣ ବାଦକ ଯାଆନ୍ତି, ଯେଉଁମାନଙ୍କ ଖର୍ଚ୍ଚ ବି ମାନସିକଧାରୀଙ୍କୁ ହିଁ ଦେବାକୁ ପଡିଥାଏ।

ପିଲାଖାଇ ଡାହାଣୀ ବେଶଧାରୀମାନେ ପ୍ରାୟ ଦୋପହର ସମୟରେ ବାହାରନ୍ତି ଏବଂ ସାଥୀରେ ହାଡିବାଇଦ ଧରି ଚାଲନ୍ତି ଅନେକ ସାଥି। ବାଘ ବେଶଧାରୀମାନେ ପ୍ରାୟତଃ ସନ୍ଧ୍ୟାପରେ ବାହାରନ୍ତି ଏବଂ ସହରରେ ଥିବା ଅନେକ ବ୍ୟବସାୟିକ ପ୍ରତିଷ୍ଠାନକୁ ଯାଇ ନିଜର ନୃତ୍ୟ ନୈପୁଣ୍ୟତା ଦେଖାଇ ଟଙ୍କା ଆଦାୟ କରନ୍ତି ଯାହା ପରେ ମା' ବୁଢୀ ସାଆନ୍ତାଣୀଙ୍କ ପାଖରେ ଭେଟ ଦିଆଯାଇଥାଏ। ଏହିପରି ଅନେକ ବେଶଧାରୀ ମାନେ ମଧ୍ୟ ନିଜ ନିଜର ଆତ୍ମୀୟ ପରିଜନଙ୍କ ଠାରୁ ପଇସା ଆଦାୟ କରି ଠାକୁରାଣୀଙ୍କ ଅସ୍ଥାୟୀ ମନ୍ଦିରରେ ଦାନ କରନ୍ତି। ମାନସିକଧରୀ ମାନେ ଦିନ ଶେଷରେ ଠାକୁରାଣୀଙ୍କ ଅସ୍ଥାୟୀ ମନ୍ଦିରକୁ ଯାଇ ନିଜଦ୍ୱାରା ଆଦାୟ ହୋଇଥିବା ଅର୍ଥକୁ ମନ୍ଦିରକୁ ଭେଟ ଦେଇଥାନ୍ତି, ଏହା ସହିତ ଅନେକ ଲୋକ ଶାଢୀ, ଚୁଡି, ସିନ୍ଦୁର, ଧୂପ, ଦୀପ ଆଦି ମଧ୍ୟ ଦାନ କରନ୍ତି।

### ବିଜିପୁରର ପ୍ରସିଦ୍ଧ ଲଣ୍ଡାବେଶ

ବିଜିପୁରର ଲଣ୍ଡାବେଶ ଏକ ସଂପୃକ୍ତ ଅନୁଷ୍ଠାନ ଦ୍ୱାରା ପ୍ରତିବର୍ଷ ହୋଇଥାଏ, ଏଥିରେ ଭାଗ ନେଉଥିବା ମାନସିକଧାରୀମାନେ ସ୍ୱତନ୍ତ୍ର ବେଶ ପଡି ନିଜ ମୁଣ୍ଡକୁ ଲଣ୍ଡା କରିଦେଇଥାନ୍ତି, ଏହା ସହିତ ମୁଣ୍ଡରେ ଅନେକ ଆକାର ଓ ଆକୃତିର ବାଳ କଟା ଦେଖି ଆମୋଦିତ ହୁଅନ୍ତି। ଏବଂ ଏହି ବେଶ ଧାରୀମାନେ ସମସ୍ତେ ଏକପ୍ରକାରର ଧଳା ଧୋତି ପିନ୍ଧନ୍ତି ଏବଂ ନିଜକୁ ମହନ୍ତ ବେଶରେ ସଜାଇ ଦେଇଥାନ୍ତି। ଏହି ବେଶରେ ମୁଖ୍ୟ ମହନ୍ତ ଓ ମହନ୍ତାଣୀ ବେଶ ପଡି କିଛି ମାନସିକଧାରୀ ରିକ୍ସାରେ ବସି ସହର ପରିକ୍ରମା କରୁଥିବା ସମୟରେ ଅନେକ ଚେଲାଚାମୁଣ୍ଡା ସେମାନଙ୍କୁ ଅନୁସରଣ

"Aahwaan", Published by: Dr Jyoti Prasad Pattnaik.

See the Improved and all new **Vista Look Website** of Aahwaan, and get one for yourself too. Call us Now.



Visit our website today for more feature rich presentations and informations. http://aahwaan.9999mb.com/

କରିଯାଆନ୍ତି । ସାଧାରଣତଃ କୌଣସି ଏକ ବିଷୟକୁ ସେମାନେ ପ୍ରାଧାନ୍ୟ ଦେଇ ଥାଆନ୍ତି । ଏହି ବର୍ଷ ଲଣ୍ଡାବେଶ ଦ୍ୱାରା ଏଡ୍ସ ରୋଗ ବିଷୟରେ ସଚେତନତା କରିବାକୁ ଚେଷ୍ଟା କରା ଯାଇଥିଲା । ଏହି ପଟୁଆରରେ ଅନେକ ସମୟରେ ଅଭଦ୍ରୋଚିତ ଭାଷାର ପ୍ରୟୋଗ ଯଦ୍ୟପି ଚର୍ଚ୍ଚାର ବିଷୟ ହୋଇଥାଏ ତଥାପି ଏହି ବେଶର ପଟୁଆର ଦେଖିବାପାଇଁ ବହୁତ ଜନସମାଗମକୁ ଦେଖି ଏହି ବେଶର ଲୋକପ୍ରିୟତାକୁ ମନା କରି ହେବନାହିଁ।

ବିଜିପୁରର ପ୍ରସିଦ୍ଧ ଲଣ୍ଡାବେଶ ପଟୁଆର ସମୟରେ ରାସ୍ତା କଡରେ ଠିଆହୋଇଥିବା ସ୍ତ୍ରୀଲୋକମାନେ ସାମାନ୍ୟ ଅସହଜ ଅନୁଭବ କରିପାରନ୍ତି, କିନ୍ତୁ ଏହି ପଟୁଆର ବାହାରିବା ବେଳକୁ ରାତି ନ'ଟା ପରେ ହୋଇଥାଏ, ଏବଂ ଏହି ସମୟରେ ବଜାରରେ ଅଧିକ ସ୍ତ୍ରୀ ଲୋକ ଉପସ୍ଥିତ ନ ଥିବା କଥା କୁହନ୍ତି ଜନୈକ ମାନସିକଧାରୀ। ଏହି ବେଶ ପଡିବା ପାଇଁ ଅନେକ ଲୋକ ଦୁରଦୁରାନ୍ତରୁ ଆସିଥାଆନ୍ତି । ଆଉ ଚଳିତ ପ୍ରଥା ଅନୁସାରେ ଏହି ବେଶରେ ଭାଗ ନେବାପାଇଁ ଇଚ୍ଛୁକ ବ୍ୟକ୍ତି ଆଗାମୀ ଯାତ୍ରା ପାଇଁ ଏହି ବର୍ଷରୁ ହିଁ ଅଗ୍ରୀମ ରାଶିଦେଇ ପଞ୍ଜିକରଣ କରିବାକୁ ପଡିଥାଏ। ଚଳିତ ବର୍ଷ ଏଥିରେ ଦେଡ ଶହରୁ ଅଧିକ ମାନସିକଧାରୀ ଭାଗ ନେଇଥିଲେ। ସକାଳ ପହରରୁ ଆରମ୍ଭ ହେଉଥିବା କାର୍ଯ୍ୟକ୍ରମରେ ମାନସିକଧାରୀ ମାନଙ୍କୁ ବିଭିନ୍ନ ବିକାରଗ୍ରସ୍ତ ମହନ୍ତଙ୍କ ପରି ବେଶ କରା ଯାଇଥାଏ, ଯେଉଁଥିରେ ସେମାନଙ୍କ ମୁଣ୍ଡକୁ ବିଭିନ୍ନ ଆକାରରେ ଲଣ୍ଡା କରା ଯାଇଥାଏ। ମଠର ମହନ୍ତମାନେ ଯେମିତି ରୁଦ୍ରାକ୍ଷମାଳ ପିନ୍ଧିନ୍ତି ସେହିପରି ଏହି ବେଶଧାରୀ ମାନେ ବେକରେ ଶାମୁକା ଓ ଗେଣ୍ଡାମାଳ ପିନ୍ଧନ୍ତି, ଏବଂ ଅନେକ ବେକରେ ବିଭିନ୍ନ ପନିପରିବା ପିନ୍ଧିବା ଦେଖାଯାଇଛି। ଏହା ସହିତ ଚୁଟିରେ କଣ୍ଡୋମ୍‌କୁ ବେଲୁନ୍ ଭାବରେ ବ୍ୟବହାର କରି ପିନ୍ଧିବା ବି ଦେଖାଯାଇଥାଏ।

ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଆରମ୍ଭ ହୋଇଥିବା ଏହି ବେଶ ୧୯୩୩ ମସିହାରୁ ଆରମ୍ଭ ହୋଇଥିଲା ବୋଲି କୁହାଯାଏ। ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଲୋକମାନଙ୍କ ନିରୀହତାର ସୁବିଧା ନେଇ ବିଭିନ୍ନ ମହନ୍ତମାନେ କରୁଥିବା ଶୋଷଣ ଓ ଦୁର୍ନୀତିକୁ ଏକ ବ୍ୟଙ୍ଗାତ୍ମକ ଶୈଳୀରେ ଉପସ୍ଥାପନ କରିବାକୁ ଏହି ବେଶର ଉତ୍ପତ୍ତି ହୋଇଥିଲା। ସେହି ଦିନଠାରୁ ଏହି ଲଣ୍ଡାବେଶ ବା ଦରିଦ୍ର ପଞ୍ଚାକ୍ଷର ପାର୍ଟି ବେଶ ବାହାରିଥିବା କୁହାଯାଏ।

ଚଳିତ ବର୍ଷ ଅନେକ ଶାରୀରିକ ଅକ୍ଷମ ବ୍ୟକ୍ତି ଏଥିରେ ଭାଗ ନେଇଥିବା ଦେଖା ଯାଇଥିଲା, ଏହା ସହିତ ଅନେକ ଶିଶୁ ମାନସିକଧାରୀ ମଧ୍ୟ ଏହି ବେଶରେ ଭାଗ ନେଇଥିବା ପରିଲ୍ଲକ୍ଷିତ ହୋଇଥିଲା। ଚଳିତ ବର୍ଷ ବୃନ୍ଦାବନ ପରିଡା ମୁଖ୍ୟ ମହନ୍ତ ବେଶରେ ଅଛନ୍ତି, ଏବଂ ଦୁର୍ଯ୍ୟୋଧନ ସାହାଣୀ ମୁଖ୍ୟ ମହନ୍ତିଆଣି ବେଶ ପଡିଛନ୍ତି। ସେ ଗତ ୨୮ ବର୍ଷ ଧରି ଏହି ବେଶ ପଡୁଥିବା ପ୍ରକାଶ କରିଛନ୍ତି। ଏହି ମହନ୍ତ ଶୋଭାଯାତ୍ରା ବା ପଟୁଆର ସମୟରେ ବିଭିନ୍ନ ବ୍ୟଙ୍ଗାତ୍ମକ ଗୀତକୁ ଗାଇ ଗାଇ ଯାଆନ୍ତି। ସାଧାରଣତଃ ଅଶ୍ଳୀଳତା ଓ ଶ୍ଳୀଳତାର ମଝିରେ ଥାଏ ଏହି ସବୁ ସଂଗୀତ। ଏଥିରେ ଯଦିଓ ଅନେକ ଅଶ୍ରାବ୍ୟ ଭାଷାର ପ୍ରୟୋଗ ହୋଇଥାଏ, ତଥାପି ଏହା ଶ୍ରୁତିକଟୁ ହୋଇନଥାଏ ବୋଲି ସଂଯୋଜକମାନେ ମତ ଦିଅନ୍ତି।

## ମଧୁବାବୁ ସଙ୍ଗେ ଲଢିବି

ଓଡିଆରେ ଗୋଟିଏ କଥା ରହିଛି, 'ପାଠ ପଡିବି, ପାଠ ପଡିବି, କାଳିଆ ଘୋଡାରେ ଚଢିବି, ମଧୁବାବୁ ସଙ୍ଗେ ଲଢିବି।'

ପ୍ରାକ୍ ସ୍ୱାଧୀନ ଓଡିଶାରେ ସବୁଠାରୁ ଉଚ୍ଚ ଶିକ୍ଷିତ ଏବଂ ନିଜ ବୃତ୍ତିରେ ସବୁଠାରୁ ସଫଳ ବ୍ୟକ୍ତିମାନଙ୍କ ଭିତରେ ଆଗ ଧାଡିରେ ଥିଲେ ମଧୁବାବୁ। ମଧୁ ବାରିଷ୍ଟର ନାମରେ ସେ ଓଡିଶାର ଘରେ ଘରେ ପରିଚିତ ଥିଲେ। ତାଙ୍କ ବିଦ୍‌ବତ୍ତା ଏବଂ ବୁଦ୍ଧିକୁ ନେଇ ଓଡିଶାରେ ଆପଣା ଛାଏଁ ତିଆରି ହୋଇଯାଇଥିଲା ଗପ ଏବଂ କିମ୍ବଦନ୍ତୀ।

ନିଜ ଅଭୂତପୂର୍ବ ବୁଦ୍ଧିମତାର ପରିଚୟ ମଧୁବାବୁ ଦେଇଥିଲେ ବନ୍ଦୀ ଫକୀର ମୋହନ ସେନାପତିଙ୍କୁ ମୁକ୍ତ କରିବାପାଇଁ। କେନ୍ଦୁଝର ପ୍ରଜାମେଳିର ସର୍ଦ୍ଦାର ଧରଣୀଧର

Nyasa Nabodita Presents

ଦ୍ୱିତୀୟ ବର୍ଷ
ଚତୁର୍ଥ ସଂଖ୍ୟା
Vol: 2 Issue: 4
May 2007

See the Improved and all new **Vista Look Website** of Aahwaan, and get one for yourself too. Call us Now.

ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

Visit our website today for more feature rich presentations and informations. http://aahwaan.9999mb.com/

ଭୂୟାଁଙ୍କ ଦ୍ୱାରା ବନ୍ଦୀ ହୋଇଥିବା କେନ୍ଦୁଝର ରାଜାଙ୍କ ତତ୍କାଳୀନ ଦେବାନ୍ ଫକୀର ମୋହନ ଘରକୁ ଏକ ଚିଠି ଲେଖି ଦୁଇଶହ ପାନ ଏବଂ ପାଞ୍ଚଶହ ଗୁଆ ମଗାଇ ପଠାଇଥିଲେ। ସେଇ ଚିଠିରେ ନିଜ ପରିବାର ପ୍ରତି ଆହୁରି ସନ୍ଦେଶ ଥିଲା ଯେ ଉତ୍ତର ଦିଗରୁ ମାହାରା କରି ପାଣି ନ ମଡାଇଲେ ଆଖୁବାଡି ବିନାଶ ଯିବ। ମୂଳରୁ ଆଖୁ ଚାଷ କରୁନଥିବା ଫକୀର ମୋହନଙ୍କ ପରିବାର ଏହି ଚିଠିର ଅର୍ଥ ବୁଝିନପାରି ମଧୂବାବୁଙ୍କ ପାଖକୁ ନେଇଗଲେ। ମଧୂବାବୁ ଚିଠିଟି ପଡି ଅର୍ଥ ଉଦ୍ଧାର କରି ରହସ୍ୟ ଉନ୍ମୋଚନ କଲେ- ପାନ ଅର୍ଥ ସିପାହୀ, ଗୁଆ ଅର୍ଥ ଗୁଳି। ଅର୍ଥାତ୍ ଦୁଇଶହ ସିପାହୀ ପାଞ୍ଚ ଶହ ଗୁଳି ପଠାଯିବା ଦରକାର। ଉତ୍ତର ଦିଗରୁ ସିପାହୀ ନ ପଠାଇଲେ ଆଖୁବାଡି ଅର୍ଥାତ୍ ରାଜପ୍ରାସାଦ ବିନାଶ ଯିବା ନିଶ୍ଚିତ। ସେଇ ଅନୁସାରେ କାମ ହେଲା ଏବଂ ମେଳିକୁ ଦମନ କରାଗଲା।

ସେଇମିତି ଆଉ ଏକ ଘଟଣା। ଗାଁରେ ବୁଢୀଟିଏ ଥାଏ। ତା ଜମି ଉପରେ କିଛି ପ୍ରଭାବଶାଳୀ ଲୋକଙ୍କ ନଜର ଥାଏ। ସେମାନେ ବୁଢୀର ଜମି ହଡପ କରିବା ଚେଷ୍ଟାରେ ଥାଆନ୍ତି। ବୁଢୀ ଏହା ଜାଣି ମଧୂବାବୁଙ୍କ ଶରଣ ପଶିଲା। ମଧୂବାବୁ କହିଲେ- ଆଜି ସଂଧ୍ୟାରେ ତୋ ଜମିରେ ଗାତଟିଏ ଖୋଳି ରଖିଥିବୁ। କାଲି ସକାଳେ ମୁଁ ବୁଝିବି। ପରଦିନ ସକାଳେ ମଧୂବାବୁ ସେଇ ଗାଁକୁ ଘୋଡା ଦଉଡାଇ ଗଲେ। ବୁଢୀର ଜମିରେ ଖୋଳାଯାଇଥିବା ଗାତରେ ଜାଣିଶୁଣି ଘୋଡାକୁ ପୁରାଇଲେ ଏବଂ ଜାଣିଶୁଣି ତଳେ ପଡିଗଲେ। ସେଇଠୁ ଉଠିପଡି ମଧୂବାବୁ ଚିତ୍କାର କଲେ- ଏ ଗାତ କିଏ ଖୋଳିଲା? ଏ ଜମି କାହାର? ମଧୂବାବୁଙ୍କ ଚିତ୍କାରରେ ଥରହର ସମସ୍ତେ ବୁଢୀ ଆଡକୁ ଦେଖେଇ କହିଲେ ଏଇଟା ବୁଢୀର ଜମି। ମଧୂବାବୁ କହିଲେ- କୋଉ ବୁଢୀ? ଆଚ୍ଛା ମୁଁ ତାକୁ ଦେଖୁଛି। ଏବେ ସମସ୍ତେ ଗୋଟିଏ କାଗଜରେ ଲେଖିଦିଅ ଯେ ଜମି ବୁଢୀର। ସମସ୍ତେ ସେଥିରେ ସଇ କର ନହେଲେ ଟିପ ଦିଅ। ଏହା ଦେଖି ବୁଢୀର ଅବସ୍ଥା କାନ୍ଦ କାନ୍ଦ। ସବୁ ସରିଲା। ଏଥର ମଧୂବାବୁ ଟିକିଏ ହସି ବୁଢୀକୁ କହିଲେ- ମାଉସୀ, ଏ କାଗଜ ମୋ ପାଖରେ ରହିଲା। ଏଥିରେ ସମସ୍ତେ କହିଛନ୍ତି ଯେ ଏଇଟା ତୋ ଜମି ବୋଲି। ତୋତେ ଏଥର ଯିଏ ହଇରାଣ କରିବ ମୋତେ କହିବୁ। ମୁଁ ତାକୁ ସାବାଡ କରିଦେବି। ବୁଢୀ ଖୁସିରେ କାନ୍ଦିପକାଇ ମଧୂବାବୁଙ୍କୁ ଆଶୀର୍ବାଦ କଲା।

## ନିବେଦନ

ଆମର ଏହି ପତ୍ରିକା ବ୍ୟତୀତ ବର୍ତ୍ତମାନ ଇଣ୍ଟର୍‌ନେଟ୍‌ରେ ଆମର ଗ୍ରୁପ୍ ଓ ଫୋରମ୍ ସକ୍ରିୟ ରହିଛି, ତେଣୁ ଆପଣ ମାନଙ୍କୁ ଅନୁରୋଧ ଆପଣ ମାନେ ଆମ ୱେବ୍‌ସାଇଟ୍‌ରୁ ଆମର ଗ୍ରୁପ୍ ଓ ଫୋରମ୍‌ର ଠିକଣାରେ କ୍ଲିକ୍ କରି ସଦସ୍ୟ ହୁଅନ୍ତୁ। ଆସନ୍ତୁ ଏକ ହେବା, ଓଡିଶାକୁ ନବଉତ୍କଳର ନିକଟକୁ ନେଇ ଯିବା।

ଆହ୍ୱାନର ଉନ୍ନତିରେ ଭାଗିଦାର ହୁଅନ୍ତୁ, ଆମ ୱେବ୍‌ସାଇଟ୍‌ରେ ଦିଆଯାଇଥିବା ବିଭିନ୍ନ ପ୍ରକାର ସାମାଜିକ କାର୍ଯ୍ୟ ସଂପର୍କରେ ବିସ୍ତୃତ ବିବରଣୀ ଜାଣିପାରିବେ। ଆମର ବିଭିନ୍ନ କାର୍ଯ୍ୟକ୍ରମରେ ଆପଣ ସକ୍ରିୟ ଅଂଶ ଗ୍ରହଣ କରିପାରିବେ, କିମ୍ବା ଆମକୁ ସାହାଯ୍ୟ କରିପାରିବେ। ଆମର ଅନ୍ୟାନ୍ୟ କାର୍ଯ୍ୟକ୍ରମ ଭିତରେ ରହିଛି, ଗ୍ରାମ୍ୟ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ ଯାହାଦ୍ୱାରା ଆମେ ବିଭିନ୍ନ ଗ୍ରାମାଞ୍ଚଳକୁ ଯାଇ ଲୋକମାନଙ୍କ ଭିତରେ ସ୍ୱାସ୍ଥ୍ୟ ସମ୍ବନ୍ଧରେ ଥିବା ବିଭିନ୍ନ ଭ୍ରାନ୍ତ ଧାରଣା ସବୁକୁ ବଦଳାଇବାକୁ ଚେଷ୍ଟା କରୁଛୁ। ଗ୍ରାମ୍ୟ ସ୍ୱାସ୍ଥ୍ୟ ଶିବିର, ଯେଉଁଥିରେ ବିଶେଷତଃ ବୃଦ୍ଧ ବୃଦ୍ଧା ତଥା ଶିଶୁମାନଙ୍କ ସ୍ୱାସ୍ଥ୍ୟର ମାଗଣା ପରାମର୍ଶ ଓ ଚିକିତ୍ସାର ବ୍ୟବସ୍ଥା କରୁଛୁ। ବିଦ୍ୟାଳୟ ସ୍ୱାସ୍ଥ୍ୟ ସଚେତନତା ଶିବିର ଅନ୍ତର୍ଗତ କାର୍ଯ୍ୟକ୍ରମରେ ଆମେ କୌଣସି ପ୍ରାଥମିକ ବିଦ୍ୟାଳୟକୁ ଯାଇ ସେଇଠି ସମସ୍ତ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିବା ସହିତ ସେମାନଙ୍କୁ ସ୍ୱାସ୍ଥ୍ୟର ଯତ୍ନ ଇତ୍ୟାଦି ବିଷୟରେ ଚେତେଇଦେବୁ ଏବଂ ମନୋରଞ୍ଜନ କାର୍ଯ୍ୟକ୍ରମ ମାଧ୍ୟମରେ ସେମାନଙ୍କୁ ଏହି ସବୁ ଶିକ୍ଷା ଦେବାର ବ୍ୟବସ୍ଥା କରିବୁ। ଆମର ଏହି ତିନୋଟି ମୁଖ୍ୟ କାର୍ଯ୍ୟକ୍ରମ ବର୍ତ୍ତମାନ ଆମେ

Nyasa Nabodita Presents

ଦ୍ୱିତୀୟ ବର୍ଷ ଚତୁର୍ଥ ସଂଖ୍ୟା
Vol: 2 Issue: 4
May 2007

See the Improved and all new **Vista Look Website** of Aahwaan, and get one for yourself too. Call us Now.

# ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

Visit our website today for more feature rich presentations and informations. http://aahwaan.9999mb.com/

ଅନେକ ଗ୍ରାମୀଣ ଅଞ୍ଚଳରେ ଯାଇ କରିସାରିଲୁଣି, ଏବଂ ଆଗକୁ ଆହୁରି ଅନେକ ସ୍ଥାନରେ ଏହିପରି କାର୍ଯ୍ୟକ୍ରମ ମାନ କରିବାର ଲକ୍ଷ୍ୟ ରଖିଛୁ । ଆପଣ ମାନେ ଆମର ଏହି କାର୍ଯ୍ୟକ୍ରମ ସବୁକୁ ପ୍ରଯୋଜନା କରିପାରିବେ । ଯଦି ଆପଣ ଯେ କୌଣସି ଗୋଟିଏ କାର୍ଯ୍ୟକ୍ରମର ସମସ୍ତ ଖର୍ଚ୍ଚ ବହନ କରିବେ ତା'ହେଲେ ଆମେ ଆପଣଙ୍କ ନାମକୁ ସେହି କାର୍ଯ୍ୟକ୍ରମ ସମୟରେ ଆମ ସଂସ୍ଥାର ବ୍ୟାନର୍ ତଳେ ପ୍ରମୁଖସ୍ଥାନରେ ଛାପିବୁ ଏବଂ ଏହି କାର୍ଯ୍ୟକ୍ରମର ସମସ୍ତ ବିବରଣୀ, ତଥା ଫୋଟୋଚିତ୍ରକୁ ଆପଣଙ୍କ ନିକଟକୁ ସିଡି ମାଧ୍ୟମରେ ପଠାଇବୁ । ଗ୍ରାମୀଣ ସ୍ୱାସ୍ଥ୍ୟ ସଚେତନତା ଶିବିର ପାଇଁ ଆନୁମାନିକ ଖର୍ଚ୍ଚ ୪ ହଜାର ଟଙ୍କା ହେଉଥିବା ବେଳେ, ଗ୍ରାମ୍ୟ ସ୍ୱାସ୍ଥ୍ୟ ଚିକିତ୍ସା ଶିବିରରେ ଖର୍ଚ୍ଚ ୫ ହଜାର ଟଙ୍କା ହୁଏ ଏବଂ ବିଦ୍ୟାଳୟ ସ୍ୱାସ୍ଥ୍ୟ ସଚେତନତା ଶିବିରରେ ଖର୍ଚ୍ଚ ହୁଏ ମାତ୍ର ୨ ହଜାର ୫ ଶହ ଟଙ୍କା । ଆପଣ କେଉଁ କାର୍ଯ୍ୟକ୍ରମକୁ ପ୍ରଯୋଜନା କରିବେ ଆପଣ ନିଜେ ନିଷ୍ପତି ନେଇ ଜଣାଇଲେ ଆମେ ଆପଣଙ୍କୁ ଦିନ ଓ ତାରିଖ ସହିତ ସ୍ଥାନ ବିଷୟରେ ସବିଶେଷ ବିବରଣୀ ଜଣାଇବୁ, ଏବଂ ଯଦି ଆପଣଙ୍କ ସୁଯୋଗ ଥାଏ ତେବେ ଆପଣ ଆମର ଏହି ଶିବିର ସମୟରେ ନିଜେ ଉପସ୍ଥିତ ରହି କାର୍ଯ୍ୟକ୍ରମର ସିଧା ତଦାରଖ କରିପାରିବେ ।

ଏତଦ୍ ବ୍ୟତୀତ ଆପଣ ଆମ ୱେବ୍ସାଇଟ୍ର ବିଜ୍ଞାପନ ପୃଷ୍ଠାରୁ ବିଭିନ୍ନ ଦ୍ରବ୍ୟ ଓ ସେବା କ୍ରୟ କରି ପାରିବେ ଏବଂ ଆମକୁ ସାହାଯ୍ୟ କରିପାରିବେ ।

ନିଜ ଦ୍ୱାରା ଲିଖିତ କ୍ଷୁଦ୍ର ଗଳ୍ପ, କବିତା, ଭ୍ରମଣ କାହାଣୀ, ଚିନ୍ତନ କଥା ଇତ୍ୟାଦି ଆମ ନିକଟକୁ ଲେଖି ପଠାନ୍ତୁ । ଆପଣ ନିଜ ଦ୍ୱାରା ଲିଖିତ ଲେଖାକୁ କଂପ୍ୟୁଟର ଦ୍ୱାରା ସ୍କାନ୍ କରାଇ ଇ-ମେଲ୍ ଆଟାଚ୍ମେଣ୍ଟ କରି ଆମ ନିକଟକୁ ପଠାଇ ପାରିବେ । ଯଦି ସ୍କାନ୍ କରିବା ପରେ ଚିତ୍ରର ସାଇଜ୍ ଅଧିକ ଥାଏ, ତେବେ ତାହାକୁ ପେଇଣ୍ଟବ୍ରସ୍ରେ ଖୋଲନ୍ତୁ ଏବଂ ସେଭ୍ କରନ୍ତୁ, ନୂତନ ନାମରେ, ସାଇଜ୍ ଛୋଟ ହୋଇଯିବ ।

## ଚିତ୍ରବାର୍ତ୍ତା




ବାଙ୍ଗାଲୋରଠାରେ ରହୁଥିବା ଓଡିଆମାନଙ୍କ ଦ୍ୱାରା ଉତ୍କଳ ଦିବସ ପାଳନ

ସୌଜନ୍ୟ: କେଆଇଟିଏମ୍ ଗ୍ରୁପ୍, ଅର୍କୁଟ୍ ଅନ୍ଲାଇନ୍

ଦ୍ୱିତୀୟ ବର୍ଷ
ଚତୁର୍ଥ ସଂଖ୍ୟା
Vol: 2 Issue: 4
May 2007

See the Improved and all new **Vista Look Website** of Aahwaan, and get one for yourself too. Call us Now.

Nyasa Nabodita Presents

# ଆହ୍ୱାନ

## ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

Visit our website today for more feature rich presentations and informations. http://aahwaan.9999mb.com/







ବ୍ରହ୍ମପୁରର ଠାକୁରାଣୀ ଯାତ୍ରା ସମୟରେ ବିଭିନ୍ନ ମାନସିକଧାରୀ ମାନଙ୍କ ଦ୍ୱାରା ଭିନ୍ନ ଭିନ୍ନ ବେଶ। ଏହି ବର୍ଷ ସର୍ବାଧିକ କୃଷ୍ଣ ଏବଂ ହନୁମାନ ବେଶ ହୋଇଥିବାର ଆକଳନ କରାଯାଇଛି । ରାସ୍ତାରେ ଘାଟରେ ସାଇକେଲ୍ ଆରୋହୀ କୃଷ୍ଣ କିମ୍ବା ରାଧା କିମ୍ବା ହନୁମାନକୁ ଦେଖି ଲୋକମାନେ ଖୁବ୍ ଆମୋଦିତ ହୁଅନ୍ତି।







"Aahwaan", Published by: Dr Jyoti Prasad Pattnaik.

Nyasa Nabodita Presents

ଦ୍ୱିତୀୟ ବର୍ଷ
ଚତୁର୍ଥ ସଂଖ୍ୟା
Vol: 2 Issue: 4
May 2007


See the Improved and all new **Vista Look Website** of Aahwaan, and get one for yourself too. Call us Now.

# ଆହ୍ୱାନ

ଓଡିଶାର ପ୍ରଥମ ଏବଂ ଏକମାତ୍ର ମାସିକ ସାହିତ୍ୟିକ ଇ-ପତ୍ରିକା

Visit our website today for more feature rich presentations and informations. http://aahwaan.9999mb.com/







ଅନେକ ବେଶଧାରୀଙ୍କ ଠାରୁ ସଂପୂର୍ଣ୍ଣ ଭିନ୍ନ ଲଣ୍ଡା ବେଶ। ଅନ୍ୟ ସମସ୍ତ ବେଶ ତୁଳନାରେ ସବୁଠାରୁ ଅଧିକ ଆମୋଦକର ହୋଇଥାଏ, ବିଜିପୁରର ଲଣ୍ଡା ବେଶ। ସେହି ବେଶର କିଛି ହାସ୍ୟୋଦ୍ଦୀପକ ଚିତ୍ର।











ଚଳିତ ମାସର ସଂସ୍କରଣ ସହିତ ଆମେ ଅନାବରଣ କରିଛୁ ଏକ ନୂତନତ୍ୱ, ଆମ ୱେବ୍‌ସାଇଟ୍‌ର ସଂପୂର୍ଣ୍ଣ ନୂତନ ଅବତାର। ଯୁଗ ସହ ତାଳ ଦେଇ ଆମେ ବି ପରିବର୍ତ୍ତନ କରିଛୁ ଆମ ୱେବ୍‌ସାଇଟ୍‌ରେ, ବର୍ତ୍ତମାନ ଏହା ୱିଣ୍ଡୋସ୍ ଭିସ୍ତା ପରିପାଟୀରେ ୱେବ୍‌ସାଇଟ୍ ନିର୍ମାଣ ହୋଇଛି। ଆଜିକାଲି ଯୁଗସହ ତାଳଦେଇ ନିର୍ମିତ ଏହି ୱେବ୍‌ସାଇଟ୍ ପରି ଏକ ୱେବ୍‌ସାଇଟ୍ ଯଦି ଆପଣ ନିର୍ମାଣ କରିବାକୁ ଚାହାନ୍ତି, ତେବେ ଆମ ୱେବ୍‌ନିର୍ମାଣ ବିଭାଗ ସହ ଯୋଗାଯୋଗ କରିପାରିବେ।

ଆମ ସହ ଯୋଗାଯୋଗ କରିବାର ଠିକଣା ହେଲା:

**ଡ ଜ୍ୟୋତି ପ୍ରସାଦ ପଟ୍ଟନାୟକ,**

ଏମ୍‌ବିବିଏସ୍, ଡିଏମ୍‌ସିଏଚ୍

ସଂପାଦକ, 'ଆହ୍ୱାନ'

ବୀମା ନଗର, ଆମ୍ବପୁଆ ମୁଖ୍ୟ ରାସ୍ତା

ବ୍ରହ୍ମପୁର-୭୬୦୦୧୦, ଓଡିଶା

ଫୋନ୍: ୦୬୮୦-୨୪୦୪୧୭୦

ମୋବାଇଲ୍: ୦୯୨୩୮୬୮୫୬୯୮